**କୋଭିଡ୍ ସ୍ୱାସ୍ଥ୍ୟସେବା ପାଇଁ ଆଲୋଚନା**

ପଦ୍ମପୁର, (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ କୋଭିଡ ସଂକ୍ରମିତମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନେଇ ସୋମବାର ଆଲୋଚନା କରାଯାଇଥିଲା। ଆଲୋଚନାରେ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା. ତହସିଲ ସାହୁ, ଡା. ଗୀତା ପିୟୁଷ ମିଶ୍ର, ଡା. ଆଶୀର୍ବାଦ ପଟ୍ଟନାୟକ ଓ ପ୍ରତାପ ମିଶ୍ର, ଗୋବିନ୍ଦ ଅଗ୍ରୱାଲ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ଦୁଇଟି ଶଯ୍ୟାରେ କୋଭିଡ ଚିକିତ୍ସା କରାଯିବ। ଏଥିରେ ଅତ୍ୟାବଶ୍ୟକ ଅକ୍ସିଜେନ, ଚିକିତ୍ସା ଯନ୍ତ୍ରାଂଶ ରହିଛି। ରୋଗୀ ସ୍ଥାନାନ୍ତର କରିବା ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ମଧ୍ୟ ଉପଲବ୍ଧ ରହିଛି। ଆଗାମୀ ଦିନରେ ୮୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା ।

## ସଂକ୍ଷେପରେ

### ମାଝିଗୁଡ଼ା ହାଇସ୍କୁଲରୁ ଚୋରି: ୩ କୋର୍ଟ ଚାଲାଣ

କୋକସରା, ୧୯।୪ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝିଗୁଡା ମହାତ୍ମା ଗାନ୍ଧୀ ହାଇସ୍କୁଲରୁ ଚୋରି ହୋଇଥିବା ନେଇ ସ୍କୁଲ ପ୍ରଧାନ ଶିକ୍ଷକ କୋକସରା ଥାନାରେ ରବିବାର ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ୩ ଜଣଙ୍କୁ ଅଟକ ରଖି ପଚାରାଉଚୁରା ପରେ ସୋମବାର ଚୋରି ଅଭିଯୋଗରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ମାଝିଗୁଡାର ହରିଲାଲ ପୋଡ, ଚନ୍ଦ୍ରଶେଖର ବାଗ ଓ ମଚ୍ଛରାମ ପୁଞ୍ଜି। ଅଭିଯୋଗ ଅନୁସାରେ ସ୍କୁଲ ଷ୍ଟୋର ରୁମର ତାଲା ଭାଙ୍ଗି ୧୯ ଲୁହା ପାଇପ, ୨ବସ୍ତା ସିମେଣ୍ଟ ଓ ୩ଟି ଫ୍ୟାନ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସ କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ସମୟରେ ମାଝିଗୁଡା ଗ୍ରାମର ହରିଲାଲଙ୍କ ଘରୁ ଚୋରି ସାମଗ୍ରୀ ଜବତ ସହ ଚୋରି ଘଟଣାରେ ତାଙ୍କୁ ଗିରଫ କରିଥିଲା। ଗ୍ରାମର ଅନ୍ୟ ୨ଜଣ ଚନ୍ଦ୍ରଶେଖର ଓ ମଚ୍ଛରାମ ସାମିଲ ଥିଲେ ବୋଲି ହରିଲାଲ କହିଥିଲେ। ପରେ ୨ ଜଣଙ୍କୁ ଗିରଫ କରି ସୋମବାର ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୭୪/୨୧) ରୁଜୁ ହୋଇଛି।

### ଯୌତୁକ ପାଇଁ ହତ୍ୟା କରାଯାଇଥିବା ମା'ଙ୍କ ଅଭିଯୋଗ

**ଦଉଡି ଦେଇ ମହିଳାଙ୍କ ଆତ୍ମହତ୍ୟା**

ଜୁନାଗଡ଼, ୧୯।୪ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଖର୍ଲାବେଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କ ନାମ ବୃନ୍ଦା ପ୍ରଧାନୀ (୨୫)। ଝିଅଙ୍କୁ ଯୌତୁକ ଦାବି କରି ହତ୍ୟା କରାଯାଇଥିବା ନେଇ ମା' ପ୍ରଫୁଲ୍ଲ ପ୍ରଧାନୀ ସୋମବାର ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଜୁନାଗଡ଼ ଥାନା ଖର୍ଲାବେଡା ଗ୍ରାମର ଯୋଗେଶ୍ୱର ବାଣୁଆଙ୍କ ସ୍ତ୍ରୀ ବୃନ୍ଦା ପ୍ରଧାନୀ ରବିବାର ରାତିରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଝିଅ ପରିବାର ଜୁନାଗଡ଼ ଥାନାକୁ ଆସିଥିଲେ। ବୃନ୍ଦାଙ୍କୁ ଅଧିକ ଯୌତୁକ ଦାବି କରି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ବୃନ୍ଦାଙ୍କ ମା' ସ୍ୱାଇଁଙ୍କ ପରିବାର ନାମରେ ଜୁନାଗଡ଼ ଥାନାରେ ଏତଲା ଦେଇଥିଲେ। ଜୁନାଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୫/୨୧) ରୁଜୁ ହୋଇଛି। ଏହି ଘଟଣାରେ ମୃତକାଙ୍କ ସ୍ୱାମୀ ଯୋଗେଶ୍ୱରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

# ଫାର୍ମାସିଷ୍ଟରେ ୨୩ ବର୍ଷ ରୋଗୀସେବା

**ଶୋଚନୀୟ ଅବସ୍ଥାରେ ଉକ୍ରେଲା ପିଏଚ୍‌ସି**
- ଗାଇନିକ୍ ଡାକ୍ତର ନିଯୁକ୍ତି ଦାବି
- ନୂତନ ବାସଗୃହ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇନି
- ୪ବର୍ଷ ହେଲା ଲେବର ରୁମ କାର୍ଯ୍ୟକ୍ଷମ ହୋଇନାହିଁ
- ବର୍ଷକରେ ୪ ଗର୍ଭବତୀ, ୩ ଶିଶୁ ମୃତ୍ୟୁ


ଫାର୍ମାସିଷ୍ଟ ଡ. ଅଶୋକ କୁମାର ପାତ୍ର ରୋଗୀ ଦେଖୁଛନ୍ତି ।


କାର୍ଯ୍ୟକ୍ଷମ ହୋଇ ନ ଥିବା ନୂତନ ପ୍ରସୂତି ଗୃହ ।



ଉକ୍ରେଲା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

କେସିଙ୍ଗା, ୧୯।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତରେ ୧୯୮୮ରେ ଅସ୍ଥାୟୀ ଭାବେ ପିଏଚ୍‌ସି ସ୍ଥାପିତ ହୋଇ ରୋଗୀସେବା ଚାଲୁଥିଲା। ବହୁ ଦାବି ପରେ ଉକ୍ରେଲା ଫାଣ୍ଡି ନିକଟରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଗଲା। ଏହା ୨୦୧୦ ଅକ୍ଟୋବର ୩ରେ ଉଦ୍‌ଘାଟିତ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉକ୍ରେଲା, ଚାଞ୍ଚେର, କୁଣ୍ଡାବନ୍ଧ, କିକିଆ, ଦେଓଗାଁ, ଗୋକୁଳେଶ୍ୱର ୬ଟି ଗ୍ରାମପଞ୍ଚାୟତର ପ୍ରାୟ ୨୫ ହଜାର ଲୋକେ ନିର୍ଭର କରିଥାନ୍ତି। ଏଠାରେ ୧୯୯୮ରେ ଜଣେ ଫାର୍ମାସିଷ୍ଟ ଡ. ଅଶୋକ କୁମାର ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଆଜକୁ ଦୀର୍ଘ ୨୩ ବର୍ଷ ହେଲା ଫାର୍ମାସିଷ୍ଟ ଜଣକ କାର୍ଯ୍ୟ କରୁଛନ୍ତି। ଏଠାରେ ମେଡିକାଲ ଅଫିସର ଭାବେ ଡା. ପ୍ରତିଭା ମାଝିଙ୍କୁ ନିଯୁକ୍ତି ଦିଆଯାଇଛି। ମେଡିକାଲ ଅଫିସର ଡା. ପ୍ରତିଭା ଠିକ୍ ଭାବେ ଆସୁ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ କରୋନା ପାଇଁ ଶନିବାର ଓ ରବିବାର ସଟଡାଉନ ରହୁଛି। ମେଡିକାଲ ଅଫିସରଙ୍କ ଦେଖାମିଳୁନାହିଁ। ମେଡିକାଲ ଅଫିସର, ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ମହିଳା ହେଲଥ୍ ୱାର୍କର, ଜଣେ ଆଣ୍ଟେଣ୍ଡାଣ୍ଟ ଓ ଜଣେ ରାତ୍ରି ଜଗୁଆଳି ନିୟୋଜିତ ହୋଇଛନ୍ତି। ଏଠାରେ ଜଣେ ଆୟୁଷ ଡାକ୍ତର ଇତିଶ୍ରୀ ପ୍ରଧାନ ଗର୍ଭବତୀଙ୍କୁ ପ୍ରସୂତୀ କରାଇଥାନ୍ତି। ଦୈନିକ ଏଠାକୁ ଶହ ଶହ ରୋଗୀ ଆସୁଥିଲେ ସୁଦ୍ଧା ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଦ୍ୱାରା ପ୍ରସୂତି ଓ ରୋଗୀ ସେବା ଚାଲିଛି। ୨୦୧୪ରୁ ଷ୍ଟାଫ୍‌ନର୍ସ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବାସଗୃହ ଆରଡି ବିଭାଗ ଦ୍ୱାରା ନିର୍ମାଣ ହୋଇଛି। କିନ୍ତୁ ଦୀର୍ଘବର୍ଷ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟବିଭାଗକୁ ଉକ୍ତ ଗୃହ ହସ୍ତାନ୍ତର କରାଯାଇନାହିଁ। ପ୍ରସୂତି ଓ ଗର୍ଭବତୀଙ୍କ ପାଇଁ ଉର୍ଦ୍ଦିଷ୍ଟ ଲେବର ରୁମ (ଗର୍ଭବତୀ ବାସଗୃହ) ନିର୍ମାଣ କରାଯାଇଛି। ସେଠାରେ ଆବଶ୍ୟକ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ମଧ୍ୟ କରାଯାଇଛି। କିନ୍ତୁ ଆଜକୁ ୪ ବର୍ଷ ହେଲା ଠିକାଦାର ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପ୍ରସବ ଗୃହରେ ପ୍ରସୂତି କରାଯାଉଛି। କିନ୍ତୁ ନୂତନ ପ୍ରସୂତି ଗୃହକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ପ୍ରତି ମାସରେ ଏଠାକୁ ୨୫ ରୁ ୩୦ଜଣ ଗର୍ଭବତୀଙ୍କ ପ୍ରସୂତି କରାଯାଇଥାଏ। ଚଳିତବର୍ଷ ୪ଜଣ ଗର୍ଭବତୀ ଓ ୩ ଜଣ ନବଜାତ ଶିଶୁର ମୃତ୍ୟୁ ଘଟିଛି। ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି। ଏ ସଂକ୍ରାନ୍ତରେ ମେଡିକାଲ ଅଫିସର ଡା. ପ୍ରତିଭା ମାଝିଙ୍କୁ ପଚାରିବାରୁ ମୁଁ ସିଡିଏମଓଙ୍କ ନିର୍ଦ୍ଦେଶକ୍ରମେ ମୁଁ କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ କୁମାର ବେହେରାଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

### ପରିବା ବିକାଳିଙ୍କୁ ସଚେତନ କଲେ ତହସିଲଦାର

ଜୁନାଗଡ, ୧୯।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଦିନକୁ ଦିନକୁ ଦିନ କରୋନାର ଦ୍ୱିତୀୟ ଲହର ବଢିବାରେ ଲାଗିଛି। ଜୁନାଗଡ ବ୍ଲକରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଆୟତ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଜୁନାଗଡ ସହରସ୍ଥିତ ଡେଲି ମାର୍କେଟ (ବଜାର)କୁ ସ୍ଥାନୀୟ ତହସିଲଦାର ବେଦବ୍ୟାସ ପହଞ୍ଚି ପରିବା ବିକାଳୀଙ୍କୁ ସାମାଜିକ ଦୂରତାରେ ବସିବା ସହ ମାସ୍କ ପିନ୍ଧିବା ଉପରେ ସଚେତନ କରିଥିଲେ। ସେହିପରି ଭିଡରେ ବସିଥିବା ପରିବା ବିକାଳିଙ୍କୁ ଉଠାଯାଇ ଖୋଲା ଥିବା ସ୍ଥାନରେ ସାମାଜିକ ଦୂରତାରେ ବସାଯାଇଥିଲା। ଏହି ସମୟରେ ତହସିଲଦାରଙ୍କ ସହ ଏନ୍‌ଏସି କର୍ମଚାରୀ ଜିତେନ୍ଦ୍ର ହେଣ୍ଡିଆ, ସାମାଜିକ କର୍ମୀ ସୁଖ ବିନ୍ଦର ସିଂ, ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗୋଟିଏ ସ୍ଥାନରେ ଯେମିତି ଭିଡ ନ ହେବ ସେଥିପାଇଁ ଏହି ପରିବା ବିକାଳିଙ୍କୁ ସହରର ୪ଟି ସ୍ଥାନରେ ଅଲଗା ଅଲଗା ବସିବା ପାଇଁ କୁହାଯାଉଥିଲେ ମଧ୍ୟ ସେମାନେ ମାନୁ ନ ଥିବା ଜଣାପଡିଛି।

## ଚାନ୍ଦଲି ପାହାଡ଼ ପରିଦର୍ଶନ କଲେ ଜିଲାପାଳ


ଦେଷଣ୍ଡ ଚାନ୍ଦଲି ପାହାଡ଼ ପରିଦର୍ଶନ କରୁଛନ୍ତି ଜିଲାପାଳ ଚଞ୍ଚଳ ରାଣା।

ଦେଓଗାଁ, ୧୯।୪(ଡି.ଏନ.ଏ.)

**ପର୍ଯ୍ୟଟନସ୍ଥଳ ମାନ୍ୟତା ଦିଗରେ ପଦକ୍ଷେପ ନିଆଯିବ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଐତିହାସିକ ଚାନ୍ଦଲି ପାହାଡକୁ ସୋମବାର ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନ କରିଛନ୍ତି । ଏଠାଥିବା କିର୍ତ୍ତିରାଜି ଓ ବିଭିନ୍ନ ଗୁମ୍ଫା ସେ ବୁଲି ଦେଖିଥିଲେ। ସୀତାକୁଣ୍ଡ, ପଥରରେ ଖୋଦିତ ସପ୍ତଫେଣୀ ନାଗ, ପଥର ଉପରେ ରହିଥିବା ୧ଫୁଟ ଉଚ୍ଚତାର ସତ୍ୟବଟ ବୃକ୍ଷ, ଭୀମକୁଣ୍ଡ, ଜରାକୁଣ୍ଡ, ପୁରାତନ ଶିଳାଲିପି ଆଦିକୁ ଅନୁଧ୍ୟାନ କରିଥିଲେ ଜିଲାପାଳ।। ପରେ ନିକଟରେ ୭୨ଏକର ପରିମିତ ଜମିରେ ଥିବା ଭୀମକଟା (ମେହେରକଟା) ତଥା ଆଖପାଖ ଘଞ୍ଚ ଜଙ୍ଗଲ ଦେଖି ଜିଲାପାଳ ରାଣା ଖୁସିବ୍ୟକ୍ତ କରିଥିଲେ। ଏହିସ୍ଥଳକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦିଗରେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାମଚନ୍ଦ୍ରପୁର ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ରାମଚନ୍ଦ୍ରପୁରଠାରେ କିଛିମାସ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଯୁକ୍ତଦୁଇ ବିଜ୍ଞାନ କଲେଜର ନବନିର୍ମିତ ଷ୍ଟାଫଗୃହ, ଶ୍ରେଣୀ କୋଠରି ଓ ଛାତ୍ରୀ ନିବାସକୁ ସେ ବୁଲି ଦେଖିଥିଲେ । ଏଥିପାଇଁ ଆସିଥିବା ବିଭିନ୍ନ ପ୍ରକାର ଅନୁଦାନକୁ ଶୀଘ୍ର ବିନିଯୋଗ କରିବା ପାଇଁ ବିଡିଓ ମୂରଲୀଧର ନାଏକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ସମୟରେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର,ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଏବିଡିଓ ରୁଦ୍ର ପ୍ରତାପ ସୁନା, ଡା. ଲଳିତ କୁମାର ସାହୁ, ଦେଷଣ୍ଡ ସରପଞ୍ଚ ପ୍ରଭାସ ଭୋଇ, ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର, ଦେଷଣ୍ଡ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପାଣିଗ୍ରାହୀ, କଳାକାର ବେହେରା, ଜଗଦୀଶ ସାହୁ, ମନୋଜ ପଟେଲ, ଜ୍ୟୋସ୍ନା ନାୟକ, ବନିତା ନାୟକ, ଲିଳିମା ମହାକୁର, ଭାଗ୍ୟବତୀ ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

### ଶିକ୍ଷକ ବିପିନ ବିହାରୀ ଯୋଷୀଙ୍କ ପରଲୋକ



ବଲାଙ୍ଗୀର ଅଫିସ,୧୯।୪

ଅବିଭକ୍ତ ବଲାଙ୍ଗୀର ଜିଲାର ବିଭିନ୍ନ ହାଇସ୍କୁଲରେ ଶିକ୍ଷକତା କରିଥିବା ବିପିନ ବିହାରୀ ଯୋଷୀ (୮୦)ଙ୍କ ପରଲୋକ ଘଟିଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ରାତିରେ ଉଚ୍ଚ ଚିକିତ୍ସା ପାଇଁ ଭୁବନେଶ୍ୱର ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ବଲାଙ୍ଗୀର ଅଣାଯାଇ ବିଭୂତିପଡା ଶ୍ମଶାନରେ ସୋମବାର ସକାଳେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ସୋମନାଥ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଯୋଷୀ ସୁବର୍ଣ୍ଣପୁର ଜିଲା ମେଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମେଣ୍ଡା ହାଇସ୍କୁଲରେ ଦୀର୍ଘବର୍ଷ ଧରି ଶିକ୍ଷକତା କରିବା ପରେ ୧୯୯୮ରେ ବଲାଙ୍ଗୀର ଜିଲା ଝାରମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ଆଧାତ୍ମିକ ପ୍ରବଚକ ଭାବେ ଲୋକପ୍ରିୟ ହୋଇଥିଲେ । ମେଣ୍ଡା ଅଞ୍ଚଳର ଶିକ୍ଷା, ସାଂସ୍କୃତିକ ଓ ଆଧାତ୍ମିକ ବିକାଶ ପାଇଁ ସେ ଅନେକ କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ଧର୍ମପତ୍ନୀ କ୍ଷୀରାବ୍ଧି, ଦୁଇ ପୁଅ ସୋମନାଥ ଓ ସୁଶୀଲ, ଝିଅ ଅନୁପମା, ପୁତ୍ରବଧୂ ଓ ନାତିନାତୁଣୀ ଅଛନ୍ତି।

## ସୀମାନ୍ତରେ ବଢୁଛି ସଂକ୍ରମଣ

ବରଗଡ଼ ଅଫିସ୍/ଅମ୍ବାଭୋନା, ୧୯।୪ (ଡି.ଏନ.ଏ)

ବରଗଡ଼ ଜିଲା ସୀମାନ୍ତ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି। ସୀମାନ୍ତ ଅମ୍ବାଭୋନା, ସୋହେଲା, ଝାରବନ୍ଧ, ପାଇକମାଳ ତଥା ପଦ୍ମପୁର ଉପଖଣ୍ଡରେ ଗତ କିଛିଦିନ ହେଲା କ୍ରମାଗତ ଭାବେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାର ଅନ୍ୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ସୋମବାର ଜିଲାରେ ୧୭୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ହଜାର ୪୫୨ରେ ପହଞ୍ଚିଛି। ସେଥିମଧ୍ୟରୁ ୧୧ହଜାର ୨୬୫ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୪୩ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୧୧୪୪ଜଣ ସକ୍ରିୟ ରହିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ଜିଲାର ସୀମାନ୍ତ ଅମ୍ବାଭୋନା ବ୍ଲକ ଅଧୀନ କୁମ୍ଭୋ ପଞ୍ଚାୟତର ସାନ ସରାଇପାଲି, ରୁଚିଦା ପଞ୍ଚାୟତର ବିଲେଇଗଡ଼, ଭେଁନାତୋରା ପଞ୍ଚାୟତର ବଡ଼ ସରାଇପାଲି, ଭାଲୁଟାଲ, ବେନିଆଁପାଲି, ଭେଁନାତୋରା ଗ୍ରାମରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ଅମ୍ବାଭୋନା ବ୍ଲକରେ ୮୦ଜଣ ଆକ୍ରାନ୍ତ ସକ୍ରିୟ ଥିବାବେଳେ ସେଥିରୁ ସାନସରାଇପାଲି ଗ୍ରାମର ଗୋଟିଏ ପରିବାରର ୧୯ଜଣ ରହିଥିବା ସୂଚନା ମିଳିଛି। ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହିତାକାଂକ୍ଷୀ ପ୍ରଧାନ ଆକ୍ରାନ୍ତଙ୍କ ସହିତ ଫୋନରେ ବିଭିନ୍ନ ପରାମର୍ଶ ଦେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ପଚରାଉଚୁରା କରୁଥିବା କହିଛନ୍ତି ।

## ସ୍ତ୍ରୀଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ ଘଟଣା: ଜେଲ ଗଲେ ସ୍ୱାମୀ

କୋକସରା, ୧୯।୪ (ଡି.ଏନ.ଏ.)

ବନ୍ଧକ ପଡିଥିବା ସୁନା ମୁକୁଳାଇବାକୁ କହିବାରୁ ରାଗିଯାଇ ସ୍ତ୍ରୀଙ୍କୁ କିରୋସିନ ଢାଳି ହତ୍ୟା ଉଦ୍ୟମ କରିଥିବା ସ୍ୱାମୀଙ୍କ ନାରେ କୋକସରା ଥାନାରେ ରବିବାର ଝିଅର ବାପା ମିତ ମାଝି ଅଭିଯୋଗ ପରେ ସ୍ୱାମୀ ଅମରେଶ ଚଲାନଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗତ ମାସ ୨୪ ତାରିଖ ରାତିରେ ବନ୍ଧକ ପଡିଥିବା ସୁନା ଗହଣା ଆଣିଦେବାକୁ ସ୍ତ୍ରୀ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ଝଗଡ଼ା ହୋଇଥିଲା। ଏଥିରେ ସ୍ୱାମୀ ଅମରେଶ ରାଗିଯାଇ ସ୍ତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗେଇ ଦେଇଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ୧୮ ଦିନ ଧରି ଚିକିତ୍ସା ପରେ ପୀଡ଼ିତାଙ୍କ ବାପା ଘରକୁ ନେଇ ଆସିଥିଲେ। ବାରମ୍ବାର ଜ୍ୱାଇଁଙ୍କୁ ଖବର ଦେବାରେ ମଧ୍ୟ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ରବିବାର ଜ୍ୱାଇଁ ଅମରେଶଙ୍କ ନାମରେ ଶ୍ୱଶୁର ମିତ ଝିଅଙ୍କୁ ନିଆଁରେ ପୋଡି ମାରିବା ନେଇ ହତ୍ୟା ଅଭିଯୋଗ କରିଥିଲେ। କୋକସରା ପୋଲିସ ଘଟଣାର ତଦନ୍ତ କରି ଅମରେଶଙ୍କୁ କୁଣ୍ଡିଗୁଡାରୁ ଗିରଫ କରି ଘଟଣାରେ ଦୋଷୀ ପାଇ ସୋମବାର କୋର୍ଟ ଚାଲାଣ କରିଛି। ଏ ନେଇ କୋକସରା ଥାନାରେ ଏକ ମାମଲା ( ନଂ.୭୩/୨୧) ରୁଜୁ ହୋଇଛି।

## ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ଥିଲେ ଧନଞ୍ଜୟ

ବିନିକା,୧୯।୪(ଡି.ଏନ୍.ଏ.)

ସ୍ୱର୍ଗତ ଧନଞ୍ଜୟ ପ୍ରଧାନ ଥିଲେ ସଂଗ୍ରାମୀ ଜନନେତା। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ପ୍ରଜାମଣ୍ଡଳ ଆନ୍ଦୋଳନର ସେ ଅନ୍ୟତମ ପୁରୋଧା ଥିଲେ ବୋଲି ଧନଞ୍ଜୟ ପ୍ରଧାନ ସ୍ମୃତି କମିଟି ପକ୍ଷରୁ ସୋମବାର ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସଂଗ୍ରାମୀଙ୍କ ଗ୍ରାମ ବିନିକା ବ୍ଲକ ସେଲେଡିରେ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ପୌର ପରିଷଦର ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର ମୁଖ୍ୟ ଅତିଥି, ସାମାଜିକ କର୍ମୀ ପର୍ଶୁରାମ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଧନଞ୍ଜୟଙ୍କ ପ୍ରତିଭା ଓ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ମୃତି କମିଟିର ସଭାପତି ତଥା ଜିଲା ଶିଶୁ ମଙ୍ଗଳ ସମିତିର ବରିଷ୍ଠ ସଦସ୍ୟ ମଧୁସୂଦନ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସୁଦେଶ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

## କ୍ରଶର ପ୍ରଦୂଷଣରେ ଫସଲ ନଷ୍ଟ

ବୌଦ୍ଧ,୧୯।୪(ସ୍ୱ.ପ୍ର)

**ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ଗୋଛାପଡା ଅଞ୍ଚଳରେ ଥିବା କିଛି କ୍ରଶର ଯୋଗୁ ପ୍ରଦୂଷଣ ବୃଦ୍ଧି ପାଇବା ସହ ଫସଲ କ୍ଷତି ହେଉଛି। ଏଭଳି ଅଭିଯୋଗ କରି ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସୂଚନା ମୁତାବକ, କିଛି କ୍ରଶରର ପ୍ରଦୂଷଣ ଯୋଗୁ ନିକଟସ୍ଥ ବିଜାପଦର ଓ ସିଆଳିମୁଣ୍ଡା ଗ୍ରାମରେ ଫସଲ କ୍ଷତି ହେଉଛି। ଫଳରେ ଗ୍ରାମବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହାସହିତ ଦୀର୍ଘ ୫ ମାସ ହେଲା ପଥର କ୍ୱାରି ନ ଥାଇ କିମ୍ବା କୌଣସି କାଗଜପତ୍ର ନ ଥାଇ କ୍ରଶର ଗୁଡିକ ବେଆଇନ ଭାବରେ ପଥର ଉତ୍ତୋଳନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ବେଆଇନ ଭାବେ ଚାଲୁଥିବା କ୍ରଶରଗୁଡିକୁ ବନ୍ଦ କରାଯିବା ସହିତ ଗ୍ରାମବାସୀଙ୍କ ଜୀବନ ଜୀବିକାକୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ଉକ୍ତ ଦୁଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।


ଗ୍ରାମବାସୀ ଜିଲାପାଳଙ୍କ ଅଫିସ୍ ଆଗରେ ଦାବି ଜଣାଉଛନ୍ତି ।

## ପୋଷ୍ଟକାର୍ଡରେ କ୍ୟାନ୍‌ସର ହସ୍ପିଟାଲ ଦାବି

ବରଗଡ଼ ଅଫିସ୍,୧୯।୪



ବରଗଡ଼ ଗାନ୍ଧୀଛକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ପୋଷ୍ଟକାର୍ଡ଼ ପଠା କାର୍ଯ୍ୟକ୍ରମ ।

**ବରଗଡ଼ ଜିଲା**
- ଭାଜପା ଦେଲା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ବରଗଡ଼ ବିଧାୟକ କହିଲେ ଶସ୍ତା ରାଜନୀତି

ବରଗଡ଼ ଜିଲାରେ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ଦାବି ଆନ୍ଦୋଳନ ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ସୋମବାର ବରଗଡ଼ ସହରର ଗାନ୍ଧୀଛକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡ଼ ପଠାଅ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଭାଜପା ପକ୍ଷରୁ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ଭାଜପାର ଧାରଣାକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ଯେଉଁ ୧୦କୋଟି ୪୯ଲକ୍ଷ ୨୧ହଜାର ଟଙ୍କା ପ୍ରଦାନ କରିଛନ୍ତି, ସେଥିରେ କ୍ୟାନ୍‌ସର ହସ୍ପିଟାଲର କେବଳ ବଙ୍କର, ପ୍ରଶାସନିକ ଅଫିସ ନିର୍ମାଣ ହେବ। ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପୁଣି ଅନୁଦାନ ଦେବେ। ସେହିପରି କ୍ୟାନ୍‌ସର ହସ୍ପିଟାଲ ପାଇଁ ଆବଶ୍ୟକ ମେଶିନ, ଯନ୍ତ୍ରପାତି ଆଦି ଓଡ଼ିଶା ଷ୍ଟେଟ ମେଡ଼ିକାଲ କର୍ପୋରେଶନ ଯୋଗାଇ ଦେବ। ତେଣୁ ଭାଜପା ନେତୃବୃନ୍ଦ ଶସ୍ତା ରାଜନୀତି କରି ଜିଲାବାସୀଙ୍କୁ ଭ୍ରମିତ କରୁଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ବଦଳରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏହି ପ୍ରସଙ୍ଗ ଉପସ୍ଥାପନ ସହିତ ଜିଲାର ବିକାଶ ପାଇଁ କିଛି ଅନୁଦାନ ଆଣିଲେ ତାକୁ ଜିଲାବାସୀ ସ୍ୱାଗତ କରିବେ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ ।

ବରଗଡ଼ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ପାଇଁ ନିକଟରେ ଏଥିପାଇଁ ପ୍ରଶାସନିକ ଅନୁମୋଦନ ମିଳିଥିବା ବେଳେ ୧୦କୋଟି ୪୯ଲକ୍ଷ ୨୧ହଜାର ଟଙ୍କା ମଞ୍ଜୁର ହୋଇଛି । ଏହା ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ପାଇଁ ଯଥେଷ୍ଟ ନୁହେଁ ବୋଲି ଅଭିଯୋଗ କରି ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡ଼ ପଠା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଭବାନୀ ଭୋଇ, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ହୋଇଥିବା ଧାରଣାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ, ପ୍ରୀତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୨୦ ଏପ୍ରିଲ, ୨୦୨୧



**ଲୋଇସିଂହା :୪ କରୋନା ସଂକ୍ରମିତ ଚହ୍ନଟ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲାରୁ ସୋମବାର ୧୬୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଲୋଇସିଂହା ବ୍ଲକରୁ ୪ଜଣ ସଂକ୍ରିତ ଅଛନ୍ତି। ବ୍ଲକର ରେଙ୍ଗାଲି, ବୁର୍ଡା, ହୀରାପୁର ଓ ଗୋପାଳପୁରରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜଣା ପଡିଛି । ରବିବାର ବୁର୍ଡା, ବୁଢୀପଦର ଓ ଉପରବାହାଲରୁ ଜଣେ ଲେଖାଏ ଚିହ୍ନଟ ହୋଇଥିଲେ ।

## ସଂକ୍ଷେପରେ

### ଅଗ୍ନିଶମ ବିଭାଗର କୌଶଳ ପ୍ରଦର୍ଶନ

**ଦେଓଗାଁ, ୧୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି । ବିଭାଗୀୟ କର୍ମଚାରୀମାନେ ଜନସଚେତନ ପାଇଁ ନିଆଁଲିଭା ଗାଡିରେ ଗାଁ ପରିକ୍ରମା କରି ଲିଫଲେଟ ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଗ୍ୟାସ୍ ଓ ଶର୍ଟସର୍କିଟ ଯୋଗୁ ଲାଗିଥିବା ନିଆଁକୁ କିଭଳି ଆୟତ୍ତ କରାଯାଇପାରିବ ଓ କ'ଣ କଲେ ନିଆଁ ଲାଗିପାରିବ ନାହିଁ ତାହା ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଉଦ୍ଧାର କାର୍ଯ୍ୟର ନମୁନା ପ୍ରଦର୍ଶନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଅଗ୍ନିଶମ ସପ୍ତାହକୁ ନିରାଡମ୍ବର ଭାବେ ପାଳନ କରାଯାଇଥିବା ଅଗ୍ନିଶମ ଅଧିକାରୀ ଏଲୋଇସ ବାର୍ଲା ସୂଚନା ଦେଇଛନ୍ତି ।

### କରୋନା ସଚେତନତା ବୈଠକ

**ଖପ୍ରାଖୋଲ, ୧୯।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ଏବଂ ବଣିକ ସଂଘ ତରଫରୁ କରୋନା ସଚେତନତା ବୈଠକ ବିଡିଓ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା। କରୋନା ସଂକ୍ରମଣ ବଢି ଚାଲିଥିବାରୁ ତାହାର ନିୟନ୍ତ୍ରଣ କରାଯିବା ଉପରେ ଆଲୋଚନା ହୋଇଥିଲା। ଦୋକାନଗୁଡିକରେ ସାମାଜିକ ଦୂରତା ସହ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଥିଲା। ଦୋକାନବଜାର ସକାଳ ୫ଟାରୁ ଅପରାହ୍ନ ୨ଟା ଯାଏ କେବଳ ଖୋଲିବା ପାଇଁ ପ୍ରଶାସନ ପ୍ରସ୍ତାବ ଦେଇଥିଲା । ବୈଠକରେ ତହସିଲଦାର ଧୀରୋଜ କୁମାର ପାତ୍ର, ସରପଞ୍ଚ ଉପେନ୍ଦ୍ର ଭୋଇ, ବଣିକ ସଂଘ ସଭାପତି ତୁଷାରକାନ୍ତ ଦାଶ, ଦିଲୀପ ଗଡତିଆ, ରଞ୍ଜନ ସାହୁ, ତାପସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ମାସ୍କ ବାଣ୍ଟିଲା ସଚେତନ ଯୁବ ସମାଜ

**ଜହ୍ନାପଙ୍କ, ୧୯।୪ (ଡି.ଏନ.ଏ):** କରୋନାର ଦ୍ୱିତୀୟ ଲହର ବଢ଼ିଚାଲିଥିବା ବେଳେ ଏହାର ପ୍ରତିରୋଧ କରିବାର ଏକମାତ୍ର ବିକଳ୍ପ ହେଉଛି ବାରମ୍ବାର ହାତ ଧୋଇବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା। ଏହି କ୍ରମରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ଜହ୍ନାପଙ୍କ ସଚେତନ ଯୁବ ସମାଜ ପକ୍ଷରୁ ଶରଧାପୁର, ବେନ୍ଦ୍ରିପାଲି ଓ ବାଲିଦୋହଲି ଗାଁରେ ସୋମବାର ମାସ୍କ ବଣ୍ଟନ କରାଯାଇଥିଲା। ପଞ୍ଚାୟତକୁ ଚାଉଳ ଓ ଗହମ ନେବାକୁ ଆସୁଥିବା ଲୋକଙ୍କୁ ଏହି ମାସ୍କ ଦିଆଯାଇଥିଲା। ସ୍ୱେଚ୍ଛାସେବୀ ସ୍ୱାଧୀନ ପ୍ରଧାନ, ପ୍ରକାଶ ବାରିକ, ପ୍ରଶାନ୍ତ ପ୍ରଧାନ, ପ୍ରମିଳ ଅମାତ, ସତ୍ୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଆଗକୁ ପଞ୍ଚାୟତକୁ ଆସୁଥିବା ଅନ୍ୟମାନଙ୍କୁ ମଧ ମାସ୍କ ବଣ୍ଟନ କରାଯିବ ବୋଲି ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି ।

### ସ୍କୁଲ ରୂପାନ୍ତରଣ ବୈଠକ

**ବାଉଁଶୁଣୀ, ୧୯।୪ (ଡି.ଏନ.ଏ)** ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ସୋମବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ପଞ୍ଚାନନ ମିଶ୍ରଙ୍କ ଆବାହକତ୍ୱରେ ଏବଂ ମୋ ସ୍କୁଲ ଅଭିଯାନର ସଭାପତି ଘମୁଡୁ ଦନ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୋଷ୍ୟ ଗ୍ରହୀତା ରାଜେଶ ତ୍ରିପାଠୀ, ୱାଇସିଡିଏର ସମ୍ପାଦକ ରାଜେନ୍ଦ୍ର ମେହେର, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ବୃନ୍ଦାବନ ମିଶ୍ର ଏବଂ ଇଂ. ଜୟନ୍ତ କରଡିଆଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଗତ ଦୁଇ ସପ୍ତାହ ମଧରେ ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନଙ୍କ ଠାରୁ ନଗଦ ଏବଂ ଅନ୍‌ଲାଇନରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରାପ୍ତ ହୋଇଥିବା ପ୍ରଧାନଶିକ୍ଷକ ପ୍ରକାଶ କରିଥିଲେ। ଏହି ଯୋଜନାରେ ଆହୁରି ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ଜନସାଧାରଣ ଯୋଡି ହୋଇ ୫ଟି ଆଭିମୁଖ୍ୟରେ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହେବାକୁ ସେ କହିଥିଲେ ।

# ଅସ୍ତିତ୍ୱ ହରାଉଛି ଜଳଉତ୍ସ

**ବରଗଡ଼ ଅଫିସ୍,୧୯।୪**

ବରଗଡ଼ର ସହର ସମେତ ଜିଲାର ପ୍ରତି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅନେକ ଜଳାଶୟ ରହିଥିଲା। ମାତ୍ର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଏବଂ ଜବରଦଖଲ ଯୋଗୁ ସେଥିମଧ୍ୟରୁ ଅନେକ ନିଜର ଅସ୍ତିତ୍ୱ ହରାଇଲାଣି। ଯେଉଁ କେତେକ ପାରମ୍ପରିକ ଜଳଉତ୍ସ ଅଛି ତାହା ମଧ୍ୟ ପୋତି ହୋଇ ଅସ୍ତିତ୍ୱ ହରାଇଲାଣି। ବରଗଡ଼ ସହରରେ ନିଲୀବନ୍ଧ, ଭୁର୍ସୁନ ବନ୍ଧ, ବଡ଼ସର, ଫକୀରାବନ୍ଧ, ଦେଉଳବନ୍ଧ, ଅଇଁଲାକଁଟା, ଅଇଁଲାବନ୍ଧ, ଖଜୁରକଁଟା, ଦୋରାବନ୍ଧ, ମନାବନ୍ଧ, ପୂର୍ଣ୍ଣିବନ୍ଧ, କୁମ୍ଭାରବନ୍ଧ, ଦାନୀକଁଟା ସମେତ ପ୍ରାୟ ୨୩ଟି ଜଳାଶୟ ରହିଥିଲା । କିନ୍ତୁ ସେଥି ମଧ୍ୟରୁ ପ୍ରାୟ ଅଧିକାଂଶ ଲୋପ ପାଇଗଲାଣି। ଦାନୀକଟା, ମନାବନ୍ଧ, ନିଲୀବନ୍ଧ, ଭୁରସୁନ ବନ୍ଧ, ଦୋରାବନ୍ଧ,ଖଜୁରକଁଟା, ରାଣୀବନ୍ଧ ଭଳି ଅଳ୍ପ କେତୋଟି ଜଳାଶୟ ଥିଲେ ମଧ ସେଗୁଡିକ ପରିତ୍ୟକ୍ତ ହୋଇପଡିଛି। ଏଭଳି ସ୍ଥିତିରେ ଅନେକ



ବରଗଡ଼ ସହରରେ ଥିବା ମନାବନ୍ଧ ।

ଜଳାଶୟ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ଏପରିକି ଭୁର୍ସୁନବନ୍ଧ ଶୁଖିଲା ପଡ଼ିଥିବାରୁ ତାହା ପିଲାଙ୍କ ଖେଳ ପଡ଼ିଆ ପାଲଟିଛି। ଅନ୍ୟପକ୍ଷେ ଜଳାଶୟ ଓ ଜଳାଭାବ ଯୋଗୁ ସହରରେ ଜଳକଷ୍ଟ ବଢ଼ିବାରେ ଲାଗିଛି ।

### ପୁନରୁଦ୍ଧାର ଅଭାବରୁ ଜବରଦଖଲ



"ସହର ମଧ୍ୟରେ ଆଗରୁ ଅନେକ ଗୁଡ଼ିଏ ବନ୍ଧ, ପୋଖରୀ ରହିଥିଲା । ଲୋକେ ସେହି ଜଳାଶୟ ଗୁଡ଼ିକର ପାଣି ପିଇବା ସହିତ ରୋଷେଇରେ ମଧ୍ୟ ବ୍ୟବହାର କରୁଥିଲେ। ବର୍ତ୍ତମାନ ଅଧିକାଂଶ ଜଳାଶୟ ପୋତିହୋଇଗଲାଣି। ପୁନରୁଦ୍ଧାର କରାଯାଉନଥିବାର ସୁଯୋଗ ନେଇ ସେଠାରେ ଘରଦ୍ୱାର କରି ଲୋକେ ଜବରଦଖଲ କରି ଦେଲେଣି ।

-ଶିବାନନ୍ଦ ମଟାରୀ, ସାମାଜିକ କର୍ମୀ

### ସାମୂହିକ ଉଦ୍ୟମ ଲୋଡ଼ା



"ବନ୍ଧ, କଟା ସହରର ସୌନ୍ଦର୍ଯ୍ୟ ଏବଂ ଗାଁର ଗାରିମା। ସେହିପରି ନଦୀ, ନାଳ ଜୀବନ ସ୍ରୋତ। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ସଙ୍କୁଚିତ ହେବା ସହିତ ହଜି ଗଲାଣି। ଆଗାମୀ ପିଢ଼ି ପର୍ଯ୍ୟନ୍ତ ବନ୍ଧ, କଟା ଭଳି ଜଳାଶୟକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ। ଏଥିପାଇଁ ସରକାର ଗୁରୁତ୍ୱ ଦେବା ସହିତ ସାମୂହିକ ଉଦ୍ୟମ ଲୋଡ଼ା ।

- ରାଜେନ୍ଦ୍ର ସିକନ୍ଦର, ସହରବାସୀ

### ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ



"ବରଗଡ଼ ସହରର ବନ୍ଧକଟା ଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ଅନୁଦାନ ମଞ୍ଜୁର କରିଛନ୍ତି । ଦାନୀକଟା, ପୂର୍ଣ୍ଣିବନ୍ଧର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି । ସେହିପରି ମନାବନ୍ଧ ପୁନରୁଦ୍ଧାର ପାଇଁ ଜଳ ନିଷ୍କାସନ କରାଯାଇଥିବା ବେଳେ ନିଲିବନ୍ଧ କାର୍ଯ୍ୟ ପାଇଁ ଟେଣ୍ଡର ସରିଛି। ପର୍ଯ୍ୟାୟକ୍ରମେ ସବୁ ବନ୍ଧକଟାର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ହେବ ।

- ଦେବେଶ ଆଚାର୍ଯ୍ୟ, ବିଧାୟକ

### ଅଜଣା ଜ୍ୱରରେ ଗଲା ୩ ଜୀବନ

**ଖପ୍ରାଖୋଲ, ୧୯।୪(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଗାଁ ଗାଁରେ ଜ୍ୱର ଲାଗି ରହୁଥିବା ଜଣାପଡିଛି । ବ୍ଲକର ମହରାପଦର ପଞ୍ଚାୟତ ଅନ୍ତର୍ଗତ ଡମନିମାଲ ଗାଁରେ ସପ୍ତାହକ ମଧ୍ୟରେ ଅଜଣା ଜ୍ୱରରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ମୃତକ ପରିବାରଙ୍କ କୋଭିଡ୍ ପରୀକ୍ଷା କରିଥିବାବେଳେ ୯ ଜଣଙ୍କ ପଜିଟିଭ ଆସିଥିବା ଜଣାପଡିଛି। ଏ ନେଇ ଗାଁରେ ଭୟର ବାତାବରଣ ଦେଖାଦେଇଛି ।

### କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ଲୋଇସିଂହା,୧୯।୪(ଡି.ଏନ.ଏ)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ କୁମ୍ଭାରପଡାରେ ନବନିର୍ମିତ କମ୍ୟୁନିଟି ସେଣ୍ଟର ସୋମବାର ଉଦ୍‌ଘାଟିତ ହୋଇଛି । ଆମ ଗାଁ ଆମ ବିକାଶ ଯୋଜନାରେ ୨ ଲକ୍ଷବ୍ୟୟ ଅଟକଳରେ ଏହାକୁ ନିର୍ମାଣ କରାଯାଇଛି। ସ୍ଥାନୀୟ ସରପଞ୍ଚ କୈଳାସ ବରିହାଙ୍କ ଉପସ୍ଥିତିରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶୁମାନ ଗୁରୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମିଳିନି ଆବାସ ଯୋଜନାରେ ଘର

**ଦେଓଗାଁ,୧୯।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ମୁଖ୍ୟାଳୟରେ ଆବାସ ଘର ଯୋଜନାର ନଗ୍ନଚିତ୍ର ନଜରକୁ ଆସିଛି । ୪ବର୍ଷ ହେଲା ରୋହିତ ଭୋଇ ଓ ତାଙ୍କ ସ୍ତ୍ରୀ ସରୋଜିନୀ ଘର ନିର୍ମାଣ କରି ନ ପାରିବାରୁ ଶାଢ଼ି ଓ ଜରି ଘୋଡାଇ ଉପରେ ଆଜବେଷ୍ଟସ ପକାଇ ରହୁଛନ୍ତି। ମୂଲ ଲାଗି ଜୀବିକା ନିର୍ବାହ କରନ୍ତି ଦମ୍ପତି। ନିଜସ୍ୱ ୪ଡିସିମିଲ ଜମିଥିଲେ ହେଁ ତାଙ୍କ ପକ୍ଷେ ଘର କରିବା ସମ୍ଭବ ହେଉନାହିଁ। ଏଣୁ ଆବାସ ଘର ପାଇଁ ଦୁହେଁ ବାରମ୍ବାର ପଞ୍ଚାୟତ ଅଫିସରେ ଅଭିଯୋଗ କରୁଥିବା ବେଳେ ଏସ୍‌ଇସିସି ତାଲିକାରେ ନ ଥିବା କହି କର୍ତ୍ତୃପକ୍ଷ ଫେରାଇ ଦେଉଥିବା ଉଭୟେ ଅଭିଯୋଗ କରିଛନ୍ତି । ଜଳ ଓ ପରିମଳ ବିଭାଗ ତରଫରୁ ସ୍ୱଚ୍ଛ ଭାରତ ଯୋଜନାରେ ଏକ ପାଇଖାନା ଘର ନିର୍ମାଣ ହୋଇଥିବା ବେଳେ ଘର ଅଭାବରୁ ଉଭୟ ଦମ୍ପତି ପାଇଖାନା ଆକାରରେ ବ୍ୟବହାର ନ କରି ବାଧହୋଇ ସେଠାରେ ଚାଉଳ ଓ ଦରକାରୀ କିଛି ସାମଗ୍ରୀ ରଖିଛନ୍ତି।



ଶାଢ଼ି ଓ ଜରି ଘେରା ଭଙ୍ଗାଘର ସମ୍ମୁଖରେ ରୋହିତ ଓ ତାଙ୍କ ସ୍ତ୍ରୀ ସରୋଜିନୀ।

- ଶାଢ଼ି, ପଲିଥିନ ଘେରାଇ ରହୁଛନ୍ତି ଦମ୍ପତି
- ଏସ୍‌ଇସିସି ତାଲିକାରେ ନାମ ନ ଥିବାରୁ ସମସ୍ୟା: କର୍ତ୍ତୃପକ୍ଷ
- ୧୦ ଦିନ ମଧରେ ପ୍ରଶାସନ ଘର ନ ଦେଲେ ବିଧାୟକଙ୍କ ଉଦ୍ୟମରେ ହେବ ନିର୍ମାଣ

ଚଳିତ ମାସ ୧୨ତାରିଖରେ ବିଧାୟକ ନରସିଂହ ମିଶ୍ର ସାଲେପାଲି ଗସ୍ତ ସମୟରେ ଘର ପାଇଁ ରୋହିତ ତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହି କ୍ରମରେ ସୋମବାର ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା କଂଗ୍ରେସ ସେବାଦଳ ମୁଖ୍ୟ ଅସିତ ମିଶ୍ର, ସୁରୁଲାଲ ମଟାରୀ, ଯୁବନେତା ବିଶ୍ୱଜିତ ପାତ୍ର ଉକ୍ତ ଦମ୍ପତିଙ୍କ ରହିବା ସ୍ଥାନ ପରିଦର୍ଶନ କରିଥିଲେ । ଆସନ୍ତା ୧୦ ଦିନ ମଧରେ ଏହି ପରିବାରକୁ ପ୍ରଶାସନ ଘର ଯୋଗାଇ ନ ଦେଲେ ଉକ୍ତ ପରିବାର ପାଇଁ ବିଧାୟକଙ୍କ ସୌଜନ୍ୟରୁ ଘର ନିର୍ମାଣ କରାଯିବ ବୋଲି କଂଗ୍ରେସ ନେତୃବୃନ୍ଦ ସୂଚନା ଦେଇଛନ୍ତି ।

### ଶ୍ରେଣୀଗୃହ ଭାଙ୍ଗି ସାମଗ୍ରୀ ଚୋରି

**ବୌଦ୍ଧ,୧୯।୪ (ସ୍ୱ.ପ୍ର)**

ବୌଦ୍ଧ ଜିଲା ଆମ୍ବଝରୀ ଗ୍ରାମର ମଧ୍ୟ ଇଂରାଜୀ ବିଦ୍ୟାଳୟର ଏକ ଅତିରିକ୍ତ ଶ୍ରେଣୀଗୃହକୁ ଭାଙ୍ଗି କେହି ଆଜବେଷ୍ଟସ ଓ କାଠ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି । ଏ ନେଇ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମ୍ଭାର ଏବଂ ଅନ୍ୟ ସଭ୍ୟାସଭ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ସେହିପରି ସୋମବାର ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଶ୍ରେଣୀଗୃହକୁ ଭାଙ୍ଗି ସାମଗ୍ରୀ ନେଇଯାଇଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତିନିଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ଲୋ ଭୋଲଟେଜ୍, ଚାଲୁନି ପାଣି ମୋଟର

**ଛକୋରମାଲ ପଞ୍ଚାୟତରେ ରବି ଚାଷ ପ୍ରଭାବିତ**

**ସୋନପୁର,୧୯।୪ (ନି.ପ୍ର.)**

ଲୋଭୋଲଟେଜ୍ ଓ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ସୁବର୍ଣ୍ଣପୁର ଜିଲା ଛକୋରମାଲ ପଞ୍ଚାୟତର ଚାଷୀ ଓ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ପାଣି ମୋଟର ଠିକ୍ ଭାବେ ଚାଲିପାରୁନି। ତେଣୁ ଉଠାଜଳସେଚନ ପ୍ରକଳ୍ପ ଓ ପାନୀୟ ଜଳ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନି। ରବିଧାନ ଫସଲ ନଷ୍ଟ ହେବାକୁ ବସିଥିବା ବେଳେ ଲୋକେ ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ଜିଲାର ଏହି ଉପାନ୍ତ ଅଞ୍ଚଳ ବଲାଙ୍ଗୀର ଜିଲା ସାଲେଭଟା ବିଦ୍ୟୁତ୍ ସେକ୍ସନ ଅଧିନରେ ରହିଛି। ଫିଡରର ଦୂରତା କାରଣରୁ ଶେଷମୁଣ୍ଡରେ ଥିବା ଛକୋରମାଲ ପଞ୍ଚାୟତର ବାଲପୁର, ବିଶେଶ୍ୱରପାଲି ଓ ମାଟିଆପାଲି ଗାଁରେ ଲୋଭୋଲଟେଜ୍ ରହୁଛି। ଏଥିଯୋଗୁଁ ଅଙ୍ଗନଦୀରୁ ଉଠାଜଳସେଚନ ପ୍ରକଳ୍ପ ଜରିଆରେ ପାଣି ଉତ୍ତୋଳନ କରି ରବି ଧାନ ଚାଷ କରୁଥିବା ଚାଷୀ ଚିନ୍ତାରେ ଅଛନ୍ତି। ଜମି ଫାଟି ଆଁ କଲାଣି । ପ୍ରାୟ ୫୦ଏକର ରବିଧାନ ଫସଲ ନଷ୍ଟ ହେବାକୁ ବସିଥିବା ଚାଷୀ ଅଭିଯୋଗ କରିଛନ୍ତି। ଅଞ୍ଚଳର ପ୍ରାୟ ୩୦୦ଏକର ଜମିରେ ରବି ଧାନ ଚାଷ ହୋଇଛି। ଏ ସମ୍ପର୍କରେ ଚାଷୀ ରାଜକୁମାର ଦନ୍ତା, ଶଙ୍କର କ୍ଷେତି, ଲଛମନ ସୁନା, ଅଶୋକ ମହାକୁର, ବିଭୁଦତ୍ତ ଦନ୍ତା, ଲକ୍ଷ୍ମଣ କଲତା ଓ ପ୍ରଦୀପ ସୁନା ପ୍ରମୁଖ ଅଭିଯୋଗ କରିଛନ୍ତି। ଛକୋରମାଲ ସରପଞ୍ଚ ଶଙ୍କର ପ୍ରସାଦ ସା କୁହନ୍ତି, ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଗ୍ରୀଷ୍ମ ସମୟରେ ଲୋକେ ହଇରାଣ ହେଉଛନ୍ତି। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



ପାଣି ଅଭାବରୁ ମାଟିଆପାଲି ଗାଁରେ ଚାଷ ଜମି ଫାଟି ଆଁ କରିଛି ।

## ପ୍ରକଳ୍ପ ଅଛି, ଲୋକଙ୍କୁ ମିଳୁନି ଆବଶ୍ୟକ ପାଣି

**ଲାଠୋର, ୧୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ରହିଛି। ହେଲେ ପରିଚାଳନାଗତ ତ୍ରୁଟି ତଥା ଆନୁଷଙ୍ଗିକ ସାମଗ୍ରୀର ଅଭାବ ଯୋଗୁ ଲୋକେ ଆବଶ୍ୟକତା ଅନୁଯାୟୀ ପାଇପ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଗ୍ରାମର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ଏକ ଜଳଯୋଗାଣ ପ୍ରକଳ୍ପ ରହିଛି। ସେଠାରୁ କମ୍ପାନୀ ପଡା, ଦଶଖୁଲି ପଡା, କରଡିଆ ପଡା, ଦଳେଇ ପଡା, ଷ୍ଟେଶନ ପଡା, ମେନ୍‌ରୋଡ ପଡା ଏବଂ ବଜାର ପଡାର ଶତାଧିକ ପରିବାରକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ତାତି ବଢିବା ସାଙ୍ଗକୁ ପାନୀୟ ଜଳର ଆବଶ୍ୟକତା ବଢି ଚାଲିଛି। ହେଲେ ପ୍ରକଳ୍ପରେ ୧୦ ଏଚ୍‌ପି ମୋଟର ପରିବର୍ତ୍ତେ ୫ ଏଚ୍‌ପି ମୋଟର ଲାଗିଛି। ଏଥି ସହିତ ପମ୍ପ ଗୃହଠାରୁ ଦୂରରେ ଥିବାରୁ ଓଭରହେଡ ଟାଙ୍କିକୁ ପାଣି ଉଠୁନାହିଁ। ଫଳରେ ଯୋଗାଣ କଳାବେଳକୁ ଜଳାଭାବ ହେଉଛି। ପ୍ରତିବର୍ଷ ଖରାଦିନେ ଏଠାରେ ପାନୀୟ ଜଳ ସମସ୍ୟା ଦେଖାଦେଉଥିଲେ ବି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅପରପକ୍ଷେ ଓଭରହେଡ ଟାଙ୍କି ନିର୍ମାଣରେ ନିମ୍ନମାନର ସାମଗ୍ରୀ ଲାଗିଥିବା ହେତୁ ସେଠାରୁ ପାଣି ଲିକ୍ ହେଉଛି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ୪୫୦୦ଘର ଗଣ୍ଡସମାଜର ନୂତନ କର୍ମକର୍ତ୍ତା

**ଦେଓଗାଁ,୧୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ରତନପୁର ରିଲାଏନ୍ସ ଫାଉଣ୍ଡେଶନ ମଣ୍ଡପରେ ସୋମବାର ୪୫୦୦ଘର ଅଖିଳଭାରତୀୟ ଗୌଣ୍ଡୱାନା ଗଣ୍ଡ ସମାଜ ତରଫରୁ ବ୍ଲକ ଆୟୋଜନ ସମିତିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବଡଦେଓଙ୍କ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ସଭାପତି ସ୍ୱର୍ଗତ ବ୍ରଜ କିଶୋର ସିଂ ଭୋଇ ଓ ବିନିକା ରେଞ୍ଜର ସ୍ୱର୍ଗତ ପ୍ରେମରାଜ ଧରୁଆଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସର୍ବସମ୍ମତିକ୍ରମେ ସଭାପତିଭାବେ ସୁରଥ ଧରୁଆ, ଉପସଭାପତି ଉପେନ୍ଦ୍ର ଧରୁଆ ଓ ଦ୍ରୋପଦୀ ପୁଟା, ମହାସଚିବ ପୁରନ୍ଦର ଭୋଇ, ସଚିବ ଧନଞ୍ଜୟ ଭୋଇ, ଲବଙ୍ଗ ଧରୁଆ ଓ ପରମେଶ୍ୱର ଧରୁଆ, କୋଷାଧ୍ୟକ୍ଷଭାବେ ଅଶୋକ ଭଣ୍ଡା ମନୋନୀତ ହୋଇଛନ୍ତି । ଜିଲା କମିଟି ସଭ୍ୟଭାବେ ମହେନ୍ଦ୍ର ମଲ୍ଲିକ, ଦାଶରଥି ଭୋଇ ଓ ରଞ୍ଜିତା ଧରୁଆଙ୍କୁ ମନୋନୀତ କରାଯାଇଥିଲା । କମିଟି ଉପଦେଷ୍ଟାଭାବେ ସୁଦାମ ଚରଣ ଭୋଇ, ସମୁଦ୍ର ମାଝି, ରୂପାଧର ପୁଟା, ସୁଦାମ ବିଶି, ରାଜ ମଲ୍ଲିକ ପ୍ରମୁଖ ରହିଛନ୍ତି । ପର୍ଯ୍ୟବେକ୍ଷକ ଭାବେ ସୁଧାଂଶୁ ପୁଟା, ଘାସିରାମ କହେଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଯୋଗଦେଇଥିବା ଗଣ୍ଡ ସମାଜର ବ୍ଲକସ୍ତରୀୟ କର୍ମକର୍ତ୍ତାମାନେ ।

## ନଦୀକୂଳିଆ ସହର ସୁବର୍ଣ୍ଣପୁରରେ ଜଳକଷ୍ଟ

**ସୋନପୁର,୧୯।୪ (ନି.ପ୍ର.)**

ମହାନଦୀ ଓ ତେଲନଦୀ କୂଳରେ ଥିବା ସୁବର୍ଣ୍ଣପୁର ସହରବାସୀ ଗ୍ରୀଷ୍ମ ସମୟରେ ଜଳକଷ୍ଟ ଭୋଗୁଛନ୍ତି। ଗ୍ରୀଷ୍ମ ପ୍ରବାହ ସହରବାସୀଙ୍କୁ କଲବଲ କରୁଥିବା ବେଳେ ଥଣ୍ଡା ପିଇବା ପାଣି ପାଇବା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ସହରରେ ୧୪ଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। କିନ୍ତୁ ଗୋଟିଏ ଦୁଇଟିକୁ ବାଦ୍ ଦେଲେ ଅନ୍ୟ ସବୁ ଅଚଳ। ଆଉ କିଛି ପ୍ରକଳ୍ପରେ ଥଣ୍ଡା ବଦଳରେ ଗରମ ପାଣି ବାହାରୁଛି।

ଗତବର୍ଷ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରୀଷ୍ମଋତୁରେ ୪୧ଟି ପଡାରେ ସିନ୍‌ଟେକ୍ସ ଟାଙ୍କି ବସା ଯାଇଥିଲା। ଏହି ଟାଙ୍କିରୁ ପାଣି ନେଇ ସହରାବାସୀ ଆବଶ୍ୟକତା ମେଣ୍ଟାଉଥିଲେ। ମାତ୍ର ଚଳିତ ଥର କୌଣସିଠାରେ ଟାଙ୍କି ବସାଯାଇନି। ଏପରିକି ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଏ ପର୍ଯ୍ୟନ୍ତ ସରକାରୀ କିମ୍ବା ବେସରକାରୀଭାବେ ଜଳଛତ୍ର ଖୋଲିନାହିଁ। ଐତିହାସିକ ସହରର

**ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ**



ସୋନପୁର କଚେରି ବଜାରଠାରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପରୁ ପାଣି ବାହାରୁନି।

ପର୍ଯ୍ୟଟନ କ୍ଷେତ୍ରଗୁଡିକରେ ପର୍ଯ୍ୟଟକଙ୍କୁ ପିଇବା ପାଣି ମିଳି ପାରୁନାହିଁ। ପ୍ରମୁଖ ମନ୍ଦିରଗୁଡିକରେ ପୌର ପରିଷଦ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିଲେ ମଧ ବିଭିନ୍ନ କାରଣରୁ ଏହା ଶ୍ରଦ୍ଧାଳୁଙ୍କ ଶୋଷ ମେଣ୍ଟାଇ ପାରୁନି। କେଉଁ ପ୍ରକଳ୍ପରୁ ଦୀର୍ଘମାସ ଧରି ପାଣି ବାହାରୁ ନାହିଁ ତ କେଉଁଠି ଅତି ଅଳ୍ପ ମାତ୍ରାରେ ବାହାରୁଛି। ରାମେଶ୍ୱର ଶୈବମନ୍ଦିର ନିକଟରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗତ ୬ମାସ ହେବ ଅଚଳ ହୋଇଯାଇଛି। ବେଆଇନ ସଂଯୋଗ କାରଣରୁ ବିଦ୍ୟୁତ୍ ବିଭାଗ ଏହି ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଛି। ସେହିପରି ସୁବର୍ଣ୍ଣମେରୁ ମନ୍ଦିର ସମ୍ମୁଖରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ଅବ୍ୟବହୃତ ହୋଇ ପଡିରହିଛି। ପଞ୍ଚରଥ ମନ୍ଦିର ସମ୍ମୁଖରେ ଥିବା ପ୍ରକଳ୍ପରୁ କମ୍‌ମାତ୍ରାରେ ପାଣି ବାହାରୁଛି। ଜିଲାର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ମନ୍ଦିର ପରିସରରେ ଥିବା ପାନୀୟ ଜଳ ପ୍ରକଳ୍ପ ମଧ ଅଚଳ। କେବଳ ଯେ ମନ୍ଦିର ନିକଟରେ ଥିବା ପାନୀୟ ଜଳ ପ୍ରକଳ୍ପ ସ୍ଥିତି ଏଭଳି ତାହା ନୁହେଁ, କଚେରି ଛକସ୍ଥିତ ଉପଜିଲାପାଳଙ୍କ ଅଫିସ ପ୍ରାଚୀରକୁ ଲାଗି ରହିଥିବା ପ୍ରକଳ୍ପ ମଧ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ରହିଛି। ବ୍ଲକ ଛକ, ବୁଢ଼ାରାଜା ଛକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ପାନୀୟ ଜଳ ପ୍ରକଳ୍ପର ମଧ୍ୟ ଏଭଳି ଅବସ୍ଥାକୁ ନେଇ ଦୂରଦୂରାନ୍ତରୁ ସହରକୁ ଆସୁଥିବା ଲୋକେ ଓ ବାଟୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନ୍ତ୍ରିକ ତ୍ରୁଟି ପାଇଁ ଅଚଳ ହୋଇପଡିଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ମରାମତି ପାଇଁ ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

**ସଂକ୍ଷେପରେ**

## କୁତ୍ରାରେ ନୂଆ ୩୭ ସଂକ୍ରମିତ ଚିହ୍ନଟ

**କୁତ୍ରା, ୧୯।୪ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଛି। କରୋନାର ପ୍ରକୋପ କୁତ୍ରା ବ୍ଲକରେ ମଧ ବଢ଼ିବାରେ ଲାଗିଛି। ତେବେ ସୋମବାର ଗୋଟିଏ ଦିନରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୯ ଜଣଙ୍କ ଟେଷ୍ଟ କରାଯାଇଥିବାବେଳେ ୩୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୁତ୍ରା ବ୍ଲକରେ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇ ସାରିଲେଣି।ଦିନକୁ ଦିନ ଅଧିକରୁ ଅଧିକ ସଂକ୍ରମିତଙ୍କ ସଂଖ୍ୟା ବାହାରିବା ଅଞ୍ଚଳରେ ଜନସାଧାରଣଙ୍କ ଚିନ୍ତା ବଢାଇ ଦେଇଛି। ସମସ୍ତ ସଂକ୍ରମିତ ବ୍ୟକ୍ତିଙ୍କୁ ହୋମ ଆଇସୋଲେସନରେ ରଖାଯାଇ ପ୍ରତିଦିନ ଯାଇ ସେମାନଙ୍କୁ ନିରୀକ୍ଷଣ କରାଯାଉଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବା ସତ୍ତ୍ୱେ କେତେକ ଅମାନିଆ ସଚେତନତା ଅବଲମ୍ବନ କରୁନାହାନ୍ତି।

## ଅଟୋ ଦୁର୍ଘଟଣା: ୧୦ ଆହତ

**ଲହୁଣୀପଡା, ୧୯।୪ (ଡି.ଏନ.ଏ):** ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ନନ୍ଦାପଡାଠାରେ ଅଟୋ ଦୁର୍ଘଟଣା ଘଟିଛି। ଲହୁଣୀପଡାଠାରୁ ଏକ ଅଟୋ ଯାତ୍ରୀ ନେଇ ବାନ୍ଦୁପଡା ଗ୍ରାମକୁ ଯାଉଥିବା ବେଳେ ୨୧୫ ନମ୍ବର ଜାତୀୟ ରାଜପଥର ନନ୍ଦାପଡାଠାରେ ଯାତ୍ରୀବାହୀ ଅଟୋକୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ଅଟୋରେ ବସିଥିବା ପ୍ରାୟ ୧୦ଜଣ ଯାତ୍ରୀ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା କରିବା ପାଇଁ ଭର୍ତ୍ତି କରାଯାଇଥିଲା । ସେଥି ମଧରୁ ପ୍ରାୟ ୭ଜଣ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିଲା । ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ରାଉରକେଲାକୁ ରେଫର କରିଦେଇଥିବା ଜଣାପଡିଛି । କେ.ବଲାଙ୍ଗ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ମାସ୍କ ବାଣ୍ଟିଲା ସଚେତନ ଯୁବ ସମାଜ

**ଜହ୍ନାପଙ୍କ, ୧୯।୪ (ଡି.ଏନ.ଏ):** କରୋନାର ଦ୍ୱିତୀୟ ଲହର ବଢ଼ିଚାଲିଥିବା ବେଳେ ଏହାର ପ୍ରତିରୋଧ କରିବାର ଏକମାତ୍ର ବିକଳ୍ପ ହେଉଛି ବାରମ୍ବାର ହାତ ଧୋଇବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା। ଏହି କ୍ରମରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ଜହ୍ନାପଙ୍କ ସଚେତନ ଯୁବ ସମାଜ ପକ୍ଷରୁ ଶରଧାପୁର, ବେନ୍ଦ୍ରିପାଲି ଓ ବାଲିଦୋହଲି ଗାଁରେ ସୋମବାର ମାସ୍କ ବଣ୍ଟନ କରାଯାଇଥିଲା। ପଞ୍ଚାୟତକୁ ଚାଉଳ ଓ ଗହମ ନେବାକୁ ଆସୁଥିବା ଲୋକଙ୍କୁ ଏହି ମାସ୍କ ଦିଆଯାଇଥିଲା। ସ୍ୱେଚ୍ଛାସେବୀ ସ୍ୱାଧୀନ ପ୍ରଧାନ, ପ୍ରକାଶ ବାରିକ, ପ୍ରଶାନ୍ତ ପ୍ରଧାନ, ପ୍ରମିଳ ଅମାତ, ସତ୍ୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଆଗକୁ ପଞ୍ଚାୟତକୁ ଆସୁଥିବା ଅନ୍ୟମାନଙ୍କୁ ମଧ ମାସ୍କ ବଣ୍ଟନ କରାଯିବ ବୋଲି ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି ।

## ଅଜଣା ଜ୍ୱରରେ ଗଲା ୩ ଜୀବନ

**ଖପ୍ରାଖୋଲ, ୧୯।୪(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଗାଁ ଗାଁରେ ଜ୍ୱର ଲାଗି ରହୁଥିବା ଜଣାପଡିଛି।

**ରେକର୍ଡ ଭାଙ୍ଗିଲା କରୋନା ସଂକ୍ରମଣ**

# ୨୪ ଘଣ୍ଟାରେ ୭୨୨ କରୋନା ପଜିଟିଭ

ସୁନ୍ଦରଗଡ଼, ୧୯।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ରେକର୍ଡ ଭାଙ୍ଗିଲା କରୋନା ସଂକ୍ରମଣ। ଗତ ୨୪ଘଣ୍ଟା ମଧ୍ୟରେ ପୁଣି ୭୨୨ କରୋନା ପଜିଟିଭ ଚିହ୍ନଟ ହୋଇଛି। ଗତ ଏପ୍ରିଲ ମାସରୁ କରୋନା ସଂକ୍ରମଣ ଉପରମୁହାଁ ହୋଇ ୩ଅଙ୍କରୁ ତଳକୁ ଖସିବାର ନାଆଁ ଧରୁ ନାହିଁ। ଏବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ହଜାରେ ଛୁଇଁବାକୁ ଲାଗିଲାଣି। ଜିଲାରେ ଏଭଳି ଦ୍ରୁତ ସଂକ୍ରମଣ ବୃଦ୍ଧି ପାଉଥିବା ନେଇ ସାଧାରଣରେ ଚିନ୍ତା ବଢାଇଛି। ଜିଲାରେ କୋଭିଡ୍ ପରୀକ୍ଷା ଓ ଟିକାକରଣ କାର୍ଯ୍ୟ ତ୍ୱରାନ୍ୱିତ ବେଗରେ ଚାଲିଥିବାବେଳେ ସେହି ତାଳରେ ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଛି। ଏଥି ସହିତ ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଘରମୁହାଁ ହେଲେ ଜିଲାର ସ୍ଥିତି ଆହୁରି ସାଂଘାତିକ ହେବାର ଆଶଙ୍କା ରହିଥିବାରୁ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମାଦ୍ରି କାଲୋ ଭବନକୁ ଟିଏମ୍ସି (ଅସ୍ଥାୟୀ ଚିକିତ୍ସା କେନ୍ଦ୍ର) ଖୋଲାଯାଇଛି। ବାହାରେ ଆସୁଥିବା ଲୋକମାନଙ୍କୁ ଏଠାରେ ରଖାଯାଇ ସେମାନଙ୍କର କୋଭିଡ୍ ପରୀକ୍ଷା ଓ ସ୍ୱାସ୍ଥ୍ୟନୀରିକ୍ଷଣ ପରେ ଘରକୁ ଛଡ଼ାଯିବ। ଜିଲାରେ ବାହାରୁଥିବା କରୋନା ସଂକ୍ରମିତଙ୍କ ମଧ୍ୟରେ ୮୦ପ୍ରତିଶତ କେବଳ ରାଉରକେଲାର ବୋଲି ଜିଲାପାଳ ନିଖିଲ ପବନ କଲ୍ୟାଣ ପ୍ରକାଶ କରିଛନ୍ତି। ଜିଲାରେ ବଢୁଥିବା ଦ୍ରୁତ କରୋନା ସଂକ୍ରମଣକୁ ନେଇ ଆତଙ୍କିତ ନ ହୋଇ କରୋନା କଟକଣାକୁ ମାନି ସାମାଜିକ ଦୂରତା ରକ୍ଷା, ମାସ୍କ ବ୍ୟବହାର ଓ କୌଣସି ଜରୁରୀ କାମ ନ ଥିଲେ ଅଯଥାରେ ବାହାରକୁ ନ ବାହାରିବାକୁ ଜିଲାପାଳ ନିବେଦନ କରିଛନ୍ତି। ପ୍ରଶାସନ ପକ୍ଷରୁ ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟିଂକୁ ଆମେ ଗୁରୁତ୍ୱ ଦେଇ ଆସୁଛୁ। ଆଗୁଆ ଟେଷ୍ଟିଂ ଦ୍ୱାରା କରୋନା ସଂକ୍ରମଣକୁ ସହଜରେ ଟ୍ରାକିଂ ପରେ ଯଥାଶିଘ୍ର ଚିକିତ୍ସା ଆରମ୍ଭ କରି ଜଟିଳ ହେବା ଆଗରୁ ଜୀବନ ବଞ୍ଚାଯାଇପାରିବ ବୋଲି କହିଛନ୍ତି। ଏଥିସହ ଲୋକଙ୍କ ଜୀବନଜୀବିକାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ କରାଯାଉଥିବା କରୋନା ମୁକାବିଲାକୁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଅପରପକ୍ଷେ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୨ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ହେଲେ ବେସରକାରୀ ଭାବେ ଜିଲାରେ କରୋନାଜନିତ ମୃତ୍ୟୁସଂଖ୍ୟା ଅଧିକ ବୋଲି କୁହାଯାଉଛି। ସୋମବାର ସୁନ୍ଦରଗଡ଼ କୋଭିଡ ହସ୍ପିଟାଲରେ ଅଉଜଣେ ରୋଗୀଙ୍କର ମୃତ୍ୟୁ ଘଟିଛି। ଏହି ହସ୍ପିଟାଲରୁ ସ୍ଥାନୀୟ ଶ୍ମଶାନ ଘାଟରେ ଏହାକୁ ମିଶାଇ ୯ଜଣଙ୍କର ଶବଦାହ ହୋଇଛି।

## ଜିଲାପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

**ଆଣ୍ଟିଜେନଟେଷ୍ଟ, କୋଭିଡ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି**

ସୁନ୍ଦରଗଡ଼, ୧୯।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ମହାମାରୀ କରୋନା ସଂକ୍ରମଣ ଓ ମୃତ୍ୟୁହାର ଦିନକୁଦିନ ବୃଦ୍ଧି ପାଉଥିବାବେଳେ ଏହାର ନିରାକରଣ ପାଇଁ ଆଣ୍ଟିଜେନ ଟେଷ୍ଟ ଓ ଆରଟିପିସିଆର ପରୀକ୍ଷା ବୃଦ୍ଧି କରିବା ସହ ଏନ୍‌ଟିପିସି କୋଭିଡ ହସ୍ପିଟାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି ଦାବିନେଇ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ତଳସରା ବିଧାୟକ ତଥା ଜିଲା ସଭାପତି ଭବାନୀଶଙ୍କର ଭୋଇଙ୍କ ନେତୃତ୍ୱରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ବର୍ତ୍ତମାନ ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ଥିବା ୧୨୦ ଶଯ୍ୟା ୪୦୦କୁ ବୃଦ୍ଧି କରିବା, ଭେଣ୍ଟିଲେଟର ମାତ୍ରା ବୃଦ୍ଧି କରିବା, ଜିଲା ମୁଖ୍ୟ ଡାକ୍ତରଖାନାରେ ଆର୍‌ଟିପିସିଆର ମେଶିନର ବ୍ୟବସ୍ଥା, ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟିଜେନ ପରୀକ୍ଷା ବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସାଂସଦଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ଜିଲା ପରିଷଦ ସଭ୍ୟ ତଥା ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଆଡଭୋକେଟ ଉମାଶଙ୍କର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ପ୍ରତିନିଧି ଦଳର ସଦସ୍ୟମାନେ ଜିଲାପାଳଙ୍କ ସହ ଆଲୋଚନାରତ।

## କୁଆଁରମୁଣ୍ଡାରେ ନାଇଟ୍ କର୍ଫ୍ୟୁ ଜାରି

କୁଆଁରମୁଣ୍ଡା,୧୯।୪(ଡି.ଏନ.ଏ.)

ସମ୍ପ୍ରତି କରୋନାର ଅହେତୁକ ବୃଦ୍ଧି ପରିପ୍ରେକ୍ଷୀରେ ପଶ୍ଚିମ ଓଡିଶାର ୧୦ଟି ଜିଲାରେ ସୋମବାର ଠାରୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଆରମ୍ଭ ହୋଇଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲାରେ ନାଇଟ୍ କର୍ଫ୍ୟୁ ଆରମ୍ଭ ହୋଇଯାଇଛି। ଅନୁରୂପ ଭାବେ ବୀରମିତ୍ରପୁର ଉପଖଣ୍ଡ ଅଞ୍ଚଳରେ ବୀରମିତ୍ରପୁର, କୁଆଁରମୁଣ୍ଡା, ରାଏବୋଗା ଓ ଅନ୍ୟାନ୍ୟ ଥାନା ଓ ଫାଣ୍ଡି ପକ୍ଷରୁ କର୍ଫ୍ୟୁ ସମୟରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। କୁଆଁରମୁଣ୍ଡା ଫାଣ୍ଡି ପକ୍ଷରୁ ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଓ ତାଙ୍କ ଟିମ୍ କୁଆଁରମୁଣ୍ଡା ବଜାର ସମେତ ଯମୁନାନାକି, ତହସିଲ ବଜାର, ଗୋବିରା ଛକ ଇତ୍ୟାଦି ଅଞ୍ଚଳରେ ପାଟ୍ରୋଲିଂ କରି ସମସ୍ତ ଦୋକାନ, ବଜାର ବନ୍ଦ କରିଛନ୍ତି। ରାତ୍ର ସମୟରେ ବିନା କାରଣରେ କୌଣସି ଲୋକ ଯେପରି ବୁଲାବୁଲି ନ କରେ ସେଥିପ୍ରତି ସତର୍କ ନଜର ରଖିଥିବା ଫାଣ୍ଡି ଅଧିକାରୀ ଓରାମ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ଗାଇଡଲାଇନ ମାନିବାକୁ ସାଧାରଣ ଲୋକଙ୍କୁ ପୋଲିସ ସଚେତନ କରୁଥିବା ଜଣାପଡିଛି।

# ଗୋଟିଏ ସିଟି ସ୍କାନ୍‌ରେ କୋଭିଡ୍, ଅଣକୋଭିଡ୍

ସମ୍ବଲପୁର, ୧୯।୪ (ବ୍ୟୁରୋ)



ଭିମ୍ସାର କୋଭିଡ୍ ମେଡିକାଲ ।

**ଭିମ୍ସାର କୋଭିଡ୍ ମେଡିକାଲ**

■ସଂକ୍ରମଣ ବୃଦ୍ଧି ଆଶଙ୍କା

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍ସାର କୋଭିଡ୍ ମେଡିକାଲରେ ଥିବା ଏକମାତ୍ର ସିଟି ସ୍କାନ୍ ମେଶିନ ଆଉ ଏକ ସମସ୍ୟା ଭାବେ ଉଭାହୋଇଛି। ଏହି ମେଶିନରେ ଉଭୟ କୋଭିଡ୍ ସଂକ୍ରମିତ ଓ ସାଧାରଣ ରୋଗୀଙ୍କ ସିଟି ସ୍କାନ କରାଯାଉଛି। ଫଳରେ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଛି। ଅଣକୋଭିଡ୍ ଓ କୋଭିଡ୍ ସଂଖ୍ୟା ଦେଖିବାକୁ ଗଲେ ଗୋଟିଏ ସିଟି ସ୍କାନ୍ ମେଶିନରେ ସେବା ଯୋଗାଇବା ସମ୍ଭବ ନୁହେଁ। ସିଟି ସ୍କାନ ପାଇଁ ଶତାଧିକ ଲୋକ ନମ୍ବର କରୁଛନ୍ତି। ହେଲେ ନମ୍ବର ଆସିବାରେ ବିଳମ୍ବ ହେବାରୁ ରୋଗ ବୃଦ୍ଧି ପାଇବା ଭୟ ରହୁଛି। ଠିକ୍ ସମୟରେ ଉଚିତ ଚିକିତ୍ସା ନ ହେଲେ ରୋଗୀର ଜୀବନ ପ୍ରତି ବିପଦ ସମ୍ଭାବନା ରହିଛି। ପ୍ରତିଦିନ ପ୍ରାୟ ୫୦ରୁ ୭୦ ଜଣଙ୍କ ସିଟି ସ୍କାନ କରାଯିବାକୁ ଚେଷ୍ଟା କରାଯାଉଛି। ହେଲେ ତା'ଠାରୁ ଅଧିକ ରୋଗୀ ନମ୍ବରରେ ରହୁଛନ୍ତି। ଏଭଳି ପରିସ୍ଥିତିକୁ ନେଇ ଭିମ୍ସାର କର୍ତ୍ତୃପକ୍ଷ ଆଉ ଗୋଟିଏ ସିଟି ସ୍କାନ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ମେଶିନ ବସାଇବା ପାଇଁ ଭିମ୍ସାରରେ କୋଠା ମଧ ରହିଛି। ଏହି ସମସ୍ୟା ଦୂର କରିବାକୁ ହେଲେ ଆଉ ଗୋଟିଏ ସିଟି ସ୍କାନ ମେଶିନ ନିହାତି ଆବଶ୍ୟକ ବୋଲି ଡା. ସଞ୍ଜୀବ ମିଶ୍ର କହିଛନ୍ତି। ସେ କହିଛନ୍ତି, ସିଟି ସ୍କାନରେ ପର୍ଯ୍ୟାୟକ୍ରମେ ରୋଗୀମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ଅଣକୋଭିଡ୍ ରୋଗୀ ବହୁ ସଂଖ୍ୟାରେ ଆସୁଥିବାରୁ ସେମାନଙ୍କର ମଧ ନିହାତି ଚିକିତ୍ସା ହେବା ଦରକାର। କୋଭିଡ୍ ସଂକ୍ରମିତ ରୋଗୀଙ୍କ ଠିକ୍ ଚିକିତ୍ସା କରିବାକୁ ହେଲେ ସିଟି ସ୍କାନ ନିହାତି ଆବଶ୍ୟକ ପଡୁଛି। କେତେକ ରୋଗୀଙ୍କ ତତ୍କାଳ ସିଟି ସ୍କାନ କରିବାକୁ ପଡିଥାଏ। ଏ ସମ୍ପର୍କରେ ଭିମ୍ସାର ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାୟକ କହିଛନ୍ତି, କୋଭିଡ୍ ମେଡିକାଲରେ ସିଟି ସ୍କାନ କରିବା ପାଇଁ ଏବେ ବଡ ସମସ୍ୟା ହେଲାଣି। ରାଜ୍ୟ ସରକାରଙ୍କୁ ଏ ନେଇ ଚିଠି କରାଯାଇଛି। ଆଉ ଗୋଟିଏ ସିଟି ସ୍କାନ ମେଶିନ ଖୁବ୍‌ଶୀଘ୍ର ସ୍ଥାପନ କରାଯିବ ବୋଲି ସେ କହିଥିଲେ। ଅନ୍ୟପଟେ ସନ୍ଧ୍ୟାରେ ଜିଲାପାଳ ଶୁଭମ୍ ସକ୍‌ସେନା ଭିମ୍ସାର ପରିଦର୍ଶନ କରଥିଲେ। କୋଭିଡ୍ ମୁକାବିଲା, କୋଭିଡ୍ କେୟାର କେନ୍ଦ୍ର ଓ ଦ୍ୱିତୀୟ କୋଭିଡ୍ ମେଡିକାଲର ସ୍ଥିତି ଉପରେ ସମୀକ୍ଷା କରିଥିଲେ। କୋଭିଡ୍ ଟେଷ୍ଟ ବୃଦ୍ଧି କରିବାକୁ ନେଇ ମଧ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିଲେ ବିଧାୟିକା କୁସୁମ

**କୋଭିଡ୍ ମେଡିକାଲର ଅମ୍ଳଜାନର ବ୍ୟବସ୍ଥା କରିବାକୁ ଦାବି**

ସୁନ୍ଦରଗଡ଼,୧୯।୪ (ଡି.ଏନ.ଏ)

ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ରବିବାର ଜିଲାପାଳଙ୍କୁ ଭେଟି ଆରଟିପିସିଆର ଓ ଆଣ୍ଟିଜେନ ଟେଷ୍ଟ ଏବଂ ତା ସହିତ ଆଇସିୟୁ ବୃଦ୍ଧି ଲାଗି ଦାବି ଜଣାଇବା ପରେ ସୋମବାର ଭୁବନେଶ୍ୱର ସଚିବାଳୟଠାରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କୁ ଭେଟିଥିଲେ। ସୁନ୍ଦରଗଡ଼ରେ ଉଦବେଗଜନକ ଭାବେ କରୋନା ରୋଗୀ ବୃଦ୍ଧି ପାଉଥିବା ହେତୁ ଏନଟିପିସି ମେଡିକାଲର କୋଭିଡ ସେଣ୍ଟରରେ ୪୦୦ ବେଡ୍‌କୁ ଶୀଘ୍ର ଅକ୍ସିଜେନ ବ୍ୟବସ୍ଥା ସହ ଆଇସିୟୁ ବୃଦ୍ଧି କରିବା ଏବଂ ଆଣ୍ଟିଜେନର କିଟ ଶୀଘ୍ର ଉପଲବ୍ଧ କରେଇବା ସହ ଅଧିକା ପରୀକ୍ଷଣ କରେଇବାକୁ ଦାବି ଜଣାଇଛନ୍ତି। ଏହା ସହ ଆରଟିପିସିଆରର ପରୀକ୍ଷା କଟକ, ଭୁବନେଶ୍ୱର ବଦଳରେ ସୁନ୍ଦରଗଡ଼ରେ କରିବାକୁ ଦାବି କରିଥିଲେ। ସ୍ୱାସ୍ଥ୍ୟ ସଚିବ ମହାପାତ୍ର ଏ ନେଇ ବିଧାୟିକା ଟେଟେଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ନିଜେ ସମସ୍ତ ମେଡିକାଲ ପରିଦର୍ଶନ କରିଛନ୍ତି। ବର୍ତ୍ତମାନର ପରିସ୍ଥିତି ବିଷୟରେ ଅବଗତ ଅଛି। ଖୁବଶୀଘ୍ର ସୁନ୍ଦରଗଡ଼ରେ ସମସ୍ତ ବେଡ୍‌ରେ ଅକ୍ସିଜେନ ସହ ଆଇସିୟୁ, ଭେଣ୍ଟିଲେସନର ବ୍ୟବସ୍ଥା ସହ ସବୁ କୋଭିଡ ଟେଷ୍ଟ ମେଡିକାଲରେ କରାଇ ଶୀଘ୍ର କିପରି ରିପୋର୍ଟ ଦିଆଯିବ ତାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ମାରୱାଡ଼ି ଯୁବାମଞ୍ଚର ସମାବେଶ, କର୍ମକର୍ତ୍ତା ନିର୍ବାଚନ

ଦେବଗଡ଼,୧୯।୪(ଡି.ଏନ୍.ଏ.)


ମାରୱାଡି ଯୁବାମଞ୍ଚର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସ୍ଥାନୀୟ ଅଗ୍ରସେନ ଭବନ (ମାରୱାଡି ଧର୍ମଶାଳା)ଠାରେ ସୋମବାର ମାରୱାଡି ଯୁବାମଞ୍ଚର ଏକ ବୈଠକ ହେବା ସହ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ଏହି ବୈଠକରେ ଚଳିତ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ଅନୁଷ୍ଠାନ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ସେବା ଓ ସଚେତନତା ମୂଳକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ମନିଷ ଅଗ୍ରୱାଲ, ଉପସଭାପତି ଭାବେ କିରଣ ଅଗ୍ରୱାଲ, ସମ୍ପାଦକ ଭାବେ ଚନ୍ଦନ ମିତ୍ତଲ, ସହ ସମ୍ପାଦକ ଭାବେ ଅନିତା ଅଗ୍ରୱାଲ ଓ କିରଣ ଜିନ୍ଦଲ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରକାଶ ଅଗ୍ରୱାଲ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଯୁବାମଞ୍ଚର ବରିଷ୍ଠ ସଦସ୍ୟ ପ୍ରମୋଦ ଗୋଏଲ, ସନ୍ଦିପ ଗୋଏଲ ଓ ପୂର୍ବତନ ସଭାପତି ଜିତେନ୍ଦ୍ର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିବେକ ଗୋଏଲ, ରାକେଶ ଅଗ୍ରୱାଲ, ସରିତା ସୋମାନୀ, ସ୍ୱିଟି ଅଗ୍ରୱାଲ, ଆକାଶ ଅଗ୍ରୱାଲ, କୈଳାସ ସୋମାନୀ ଓ ପୁଷ୍ପଦେବୀ ଅଗ୍ରୱାଲଙ୍କ ସମେତ ଯୁବାମଞ୍ଚର ବହୁ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ମନୋନୀତ କର୍ମକର୍ତ୍ତାମାନେ ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ।

# ମୃତଦେହ ପଡ଼ିଥିବା ଶୁଣି ପହଞ୍ଚିଲା ପୋଲିସ

ଦେବଗଡ଼,୧୯।୪(ଡି.ଏନ୍.ଏ.)

**ବସ୍ତାରୁ ମିଳିଲା ମଲା କୁକୁଡ଼ା**

ଦେବଗଡ଼ ଥାନା ଅନ୍ତର୍ଗତ ଛେପିଲିପାଲି ପଞ୍ଚାୟତ କୁଶପଙ୍ଗା ଗ୍ରାମରେ ଥିବା କଲଭର୍ଟ ନିକଟରେ ଏକ ବସ୍ତା ମଧରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ବସ୍ତା ମଧ୍ୟରୁ ମଲା କୁକୁଡା ବାହାରିବା ଘଟଣା ଆଲୋଚନାର ବିଷୟ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ନରେ କୁଶପଙ୍ଗା ଗ୍ରାମରେ ଥିବା କଲଭର୍ଟ କଡ଼ରେ ଏକ ବସ୍ତା ମଧରେ କୌଣସି ଅଜଣା ବ୍ୟକ୍ତିଙ୍କର ମୃତଦେହ ପଡିଥିବା ଓ ସେଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବା ଗ୍ରାମବାସୀ ଛେପିଲିପାଲି ପଞ୍ଚାୟତର ସରପଞ୍ଚ ମିନି ବୁଡଙ୍କୁ ସୂଚନା ଦେଇଥିଲେ। ଏହି ସୂଚନା ଆଧାରରେ ସରପଞ୍ଚ ବୁଡ ଦେବଗଡ ଆଦର୍ଶ ଥାନା ପୋଲିସକୁ ସୂଚନା ଦେବାରୁ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ବୁଦ୍ଧରାୟ ମାଝି ତତ୍‌କ୍ଷଣାତ ସଦଳବଳ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଉକ୍ତ ଦୁର୍ଗନ୍ଧପୂର୍ଣ୍ଣ ବସ୍ତାକୁ ଖୋଲାଯିବାରୁ ସେଥିରୁ କିଛି ମଲା ବ୍ରଏଲର କୁକୁଡା ବାହାରିଥିଲା। ସେଠାକୁ କିପରି ଏହିସବୁ ମଲା କୁକୁଡା ଆସିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡି ନ ଥିଲେ ହେଁ ଆଖପାଖ ଅଞ୍ଚଳର କୌଣସି ଫାର୍ମରେ ରୋଗାକ୍ରାନ୍ତ କୁକୁଡା ମରିବାପରେ ସେଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ ଅନୁମାନ କରୁଛି।

# ସରଭାଇଲେନ୍ସ, ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ

ଦେବଗଡ଼,୧୯।୪(ଡି.ଏନ.ଏ.)

**କୋଭିଡ୍ ପରିଚାଳନା ପାଇଁ ପ୍ରଶାସନର ପ୍ରସ୍ତୁତି**

ଜିଲାରେ କରୋନା ଦ୍ୱିତୀୟ ଲହରର ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହାର ମୁକାବିଲା ତଥା ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଏଥିପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍ ଗଠନ କରାଯାଇଛି। ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଏହି ଟିମ୍‌ର ମୁଖ୍ୟ ରହିଛନ୍ତି। ସେ ସମସ୍ତ କାର୍ଯ୍ୟ ତଦାରଖ କରିବା ସଙ୍ଗେ ସଙ୍ଗେ ଆବଶ୍ୟକତା ଅନୁଯାୟୀ କରୋନା ସଂକ୍ରମିତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିବା ନିଶ୍ଚିତ କରିବେ। ଏହି କ୍ରମରେ କୋଭିଡର ଉପଯୁକ୍ତ ପରିଚାଳନା ପାଇଁ ପୌରାଞ୍ଚଳ ଏବଂ ବ୍ଲକ ଅଞ୍ଚଳ ନିମନ୍ତେ ସରଭାଇଲେନ୍ସ ଓ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ପୌରାଞ୍ଚଳ ପାଇଁ ୩ଟି ସରଭାଇଲେନ୍ସ ଏବଂ ୩ଟି ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିବାବେଳେ ପ୍ରତ୍ୟେକ ବ୍ଲକ ପାଇଁ ମଧ ୩ଟି କରି ସରଭାଇଲେନ୍ସ ଓ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ସରଭାଇଲେନ୍ସ ଟିମ୍ କୋଭିଡ୍ ସମ୍ବନ୍ଧୀୟ ପ୍ରଟୋକଲଗୁଡ଼ିକର ଠିକ ପାଳନ ଉପରେ ସଚେତନତା, କରୋନା ପଜିଟିଭ୍ ଚିହ୍ନିତ ବ୍ୟକ୍ତିଙ୍କ ଗୃହ ସଙ୍ଗରୋଧ ସୁନିଶ୍ଚିତ କରିବା, ରାଜ୍ୟ ବାହାରୁ ଏବଂ ହଟସ୍ପଟ ଜିଲାମାନଙ୍କରୁ ଆସିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୁଚନା ସୁନିଶ୍ଚିତ କରିବା, କୌଣସି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିବାର ଆବଶ୍ୟକତା, କୋଭିଡ ପ୍ରଯତ୍ନକେନ୍ଦ୍ର ଏବଂ କ୍ଲଷ୍ଟର ଅସ୍ଥାୟୀ ଚିକିତ୍ସା କେନ୍ଦ୍ରର କାର୍ଯ୍ୟକାରିତା ଓ ସନ୍ଦିଗ୍ଧ ଅଞ୍ଚଳଗୁଡିକରେ କୋଭିଡ ଟେଷ୍ଟିଂ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ କୋଭିଡ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଷୟଗୁଡିକ ଉପରେ ମଧ ନୋଡାଲ ଅଧିକାରୀଙ୍କୁ ଅବଗତ କରିବେ। ସେହିଭଳି ଏନଫୋର୍ସମେଣ୍ଟ ଟିମ ନିଜ ଅଞ୍ଚଳରେ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା, କୌଣସି ସ୍ଥାନରେ ଅଧିକ ଜନଗହଳି ନ ହେବା ଆଦି କୋଭିଡ ନିୟମଗୁଡିକର ଅନୁପାଳନ ନିଶ୍ଚିତ କରିବା, ଅମାନିଆଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏ ସମ୍ପର୍କରେ କୌଣସି କ୍ଷେତ୍ରରେ ଗୁରୁତର ବ୍ୟତିକ୍ରମ ଦେଖାଦେଲେ ଉପଜିଲାପାଳଙ୍କୁ ଜଣାଇବେ।

# ଶୁଖିଲା ଗଛ ପଡ଼ି ଯୁବତୀଙ୍କ ମୃତ୍ୟୁ: ରାସ୍ତାରୋକୋ

ଲହୁଣୀପଡା, ୧୯।୪ (ଡି.ଏନ.ଏ.)


ବନ ବିଭାଗର ଅବହେଳା ପ୍ରତିବାଦରେ ରାସ୍ତା ଅବରୋଧ କରାଯାଇଛି।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଖଣ୍ଡାଧାର ରାସ୍ତାର ମହୁଲତା ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଦୁଃଖଦ ଘଟଣା ଘଟିଛି। ବାଇକରେ ଯାଉଥିବା ବେଳେ ରାସ୍ତା କଡରେ ଥିବା ଶୁଖିଲା ଶାଳଗଛ ଭାଙ୍ଗି ଯୁବତୀ ଉପରେ ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସାଙ୍ଗରେ ଥିବା ଯୁବକ ଗାଡି ଓ ମୋବାଇଲ ନେଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଲାଠିକଟା ଥାନା ଅନ୍ତର୍ଗତ ଏରେଗେଡା ଗ୍ରାମର କରମ ସିଂ ଭୂମିଜଙ୍କ ଝିଅ ଅନିତା ଭୂମିଜ (୨୭) ଲାଠିକଟା ପେଟ୍ରୋଲ ପମ୍ପରେ କାମ କରୁଥିଲେ। ସୋମବାର ଜଣେକ ଯୁବକ ସହିତ ବାଇକ ଯୋଗେ ଖଣ୍ଡାଧାର ଯାଉଥିବାବେଳେ ରାସ୍ତା କଡରେ ଥିବା ଶୁଖିଲା ଗଛ ଖସିପଡି ଅନିତା ଦେହରେ ବାଜିଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସାଙ୍ଗରେ ଆସିଥିବା ଯୁବକ ଅନିତାଙ୍କ ମୋବାଇଲ ନେଇ ଫେରାର୍ ହୋଇଯାଇଥିଲା। ଗଛପଡ଼ି ଯୁବତୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ପ୍ରତିବାଦରେ ତାଳବାହାଲି ସରପଞ୍ଚ ବୁଧୁ ନାଏକ ସମେତ ସ୍ଥାନୀୟ ଲୋକମାନେ ରାସ୍ତାରୋକୋ କରିଥିଲେ। କାରଣ କିଛି ମାସ ପୂର୍ବରୁ ଟ୍ରକ ଓ ଟିପ୍ପର ଉକ୍ତ ଗଛରେ ଧକ୍କା ହୋଇଥିବାରୁ ଗଛର କିଛି ଅଂଶ ଭାଙ୍ଗି ଯାଇଥିଲା। ବାକି ଅଂଶ ଶୁଖି ଯାଇଥିବାରୁ ଉକ୍ତ ଗଛକୁ କାଟିଦେବା ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଗ୍ରାମବାସୀ କୁଲିପୋଷ ରେଞ୍ଜ ଠାରେ ଅଭିଯୋଗ କରିଥିଲେ ମଧ ବନ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ବିପଦ ସଂକୁଳ ଅବସ୍ଥାରେ ଥିବା ଶୁଖିଲା ଶାଳ ଗଛଟି ଭାଙ୍ଗି ଯିବାରୁ ଯୁବତୀ ଜଣଙ୍କର ମୃତ୍ୟୁ ଘଟିଥିବା ପ୍ରତିବାଦରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ କୁଲିପୋଷ ରେଞ୍ଜର ବନ କର୍ମଚାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

**ସମ୍ବଲପୁର,(ବ୍ୟୁରୋ)-** ସମ୍ବଲପୁର ଜିଲା ସଦର ଥାନା କେନ୍ଦୁଘାଟି ଗ୍ରାମ ନିକଟରେ ଅଜଣା ଗାଡି ଧକ୍କାରେ ହରି ଶତନାମୀ (୨୨) ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଛି । ମିଳିଥିବା ରିପୋର୍ଟ ଅନୁସାରେ ହରି ସ୍କୁଟି (ଓଡି୧୫ ଏ-୨୯୩୨) ଯୋଗେ କୌଣସି କାମରେ ଯାଉଥିବାବେଳେ ପଛପଟୁ ଏକ ଟ୍ରକ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ସଦର ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।



**ସଂକ୍ଷେପରେ**

### କରୋନା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ:ଜିଲାପାଳ

ଝାରସୁଗୁଡା ଅଫିସ୍,୧୯।୪:ଝାରସୁଗୁଡା ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୯ହଜାର ୧୩୪ଜଣ ରହିଛି । ଏଥିମଧ୍ୟରୁ ୮ହଜାର ୩୦୮ଜଣ ସୁସ୍ଥ ହୋଇଥିବାବେଳେ ବାକି ୭୯୮ଜଣ ପଜିଟିଭ ଆକ୍ରାନ୍ତ ରହିଛନ୍ତି। ଜିଲାରେ ଅଦ୍ୟାବଧି ୨୮ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଇତିମଧ୍ୟରେ ଜିଲାର ଅନେକ ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଇଛି । ଏଥିମଧ୍ୟରୁ ଜିଲାର୧୬ ସ୍ଥାନରୁ ସୋମବାର କଣ୍ଟେନ୍‌ମେଣ୍ଟ ହଟାଇ ଦିଆଯାଇଛି । କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେରଖି ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି, ଜିଲାରେ ବେଡ୍ ସଂଖ୍ୟା ନିଅଣ୍ଟ ପଡିନାହିଁ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ହସ୍‌ପିଟାଲ୍‌ର ବେଡ୍ ସଂଖ୍ୟା ୫୦କୁ ବୃଦ୍ଧି କରାଯିବା ସହିତ ଆଇସିୟୁ ୧୦ରୁ ୨୦କୁ ବୃଦ୍ଧି କରାଯାଉଛି । ଏହା ସହିତ ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ବନ୍ଧବାହାଲ ସ୍ଥିତ ଏକ କୋଭିଡ୍ କେୟାର ହେଲ୍‌ଥ ସେଣ୍ଟର ୫୦ଶଯ୍ୟା ବିଶିଷ୍ଟ ରହିଛି । ଏହାକୁ ବୃଦ୍ଧି କରାଯାଇ ୭୦ଶଯ୍ୟା ବିଶିଷ୍ଟ କରାଯିବ। ଜିଲାରେ ଏବେସୁଦ୍ଧା ୩କୋଭିଡ୍ କେୟାର ସେଣ୍ଟର ଓ ଏହାର ବେଡ୍ ସଂଖ୍ୟା ୧୧୫ରହିଛି । ଏହି ବେଡ୍‌ସବୁ କାର୍ଯ୍ୟକ୍ଷମ ରହିଛି । ଆବଶ୍ୟକତା ଅନୁଯାଇ ଏହାକୁ ପର୍ଯ୍ୟାୟକ୍ରମେ ୩ଶହକୁ ବୃଦ୍ଧି କରାଯିବ । ଜିଲା ପ୍ରଶାସନ ଏହାକୁ ମୁକାବିଲା କରିବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ସାମଲ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସମ୍ବଲପୁର,୧୯।୪(ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରନ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ କ୍ରମେ ନାବଳିକା ଘରେ ଏକାକି ରହିଥିଲେ। ଏହାର ସୁଯୋଗ ନେଇ ଯୁବକ ଜଣଙ୍କ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

### କରୋନା ସଚେତନତା ବୈଠକ

**ଖପ୍ରାଖୋଲ, ୧୯।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ଏବଂ ବଣିକ ସଂଘ ତରଫରୁ କରୋନା ସଚେତନତା ବୈଠକ ବିଡିଓ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା। କରୋନା ସଂକ୍ରମଣ ବଢି ଚାଲିଥିବାରୁ ତାହାର ନିୟନ୍ତ୍ରଣ କରାଯିବା ଉପରେ ଆଲୋଚନା ହୋଇଥିଲା। ଦୋକାନଗୁଡିକରେ ସାମାଜିକ ଦୂରତା ସହ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଥିଲା। ଦୋକାନବଜାର ସକାଳ ୫ଟାରୁ ଅପରାହ୍ନ ୨ଟା ଯାଏ କେବଳ ଖୋଲିବା ପାଇଁ ପ୍ରଶାସନ ପ୍ରସ୍ତାବ ଦେଇଥିଲା । ବୈଠକରେ ତହସିଲଦାର ଧୀରୋଜ କୁମାର ପାତ୍ର, ସରପଞ୍ଚ ଉପେନ୍ଦ୍ର ଭୋଇ, ବଣିକ ସଂଘ ସଭାପତି ତୁଷାରକାନ୍ତ ଦାଶ, ଦିଲୀପ ଗଡତିଆ, ରଞ୍ଜନ ସାହୁ, ତାପସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍ୟୁ ବନ୍ଦ, ଘରକୁ ଫେରିଲେ ଛାତ୍ରୀଛାତ୍ର

**ସମ୍ବଲପୁର,୧୯।୪ (ବ୍ୟୁରୋ)**

ରାଜ୍ୟ ସରକାର ସୋମବାରଠାରୁ ସମସ୍ତ ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପାଳନ କରି ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ କରିଦିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍ୟୁ), ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଭଳି ଶିକ୍ଷାନୁଷ୍ଠାନ ବନ୍ଦ ହୋଇଛି। ଏସ୍ୟୁ ହଷ୍ଟେଲରେ ଥିବା ଛାତ୍ରୀଛାତ୍ର ଘରକୁ ଫେରିଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଏସ୍ୟୁ ପକ୍ଷରୁ ଶନିବାର ନୋଟିସ ଜାରି କରାଯାଇଥିଲା। ଏଥିରେ ସମସ୍ତ ପରୀକ୍ଷା ବାତିଲ କରିବା ସହ କ୍ଲାସ୍‌ଗୁଡିକ ବନ୍ଦ କରି ଦିଆଯାଇଥିଲା। ଏହାଛଡା କରୋନା କଟକଣା ଯୋଗୁ ୫୦ ପ୍ରତିଶତ କର୍ମଚାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧ୍ୟାପକମାନେ ଘରେ ରହି ଅନ୍‌ଲାଇନରେ ଶିକ୍ଷାଦାନ କରିପାରିବେ ବୋଲି କୁହାଯାଇଛି।

ହଷ୍ଟେଲ ପରିଚାଳକ ବିଶ୍ୱଜିତ ଶତପଥୀ କହିଛନ୍ତି, ବିଶ୍ୱବିଦ୍ୟାଳୟର ୧୦ ହଷ୍ଟେଲରେ ପ୍ରାୟ ୧ ହଜାରରୁ



ସମ୍ବଲପୁର ବିଶ୍ୱବିଦ୍ୟାଳୟ ।

**ହଷ୍ଟେଲ କ୍ୱାରାଣ୍ଟାଇନ୍‌ରେ ୪ ଛାତ୍ର**

ଅଧିକ ଛାତ୍ରୀଛାତ୍ର ରୁହନ୍ତି। କେତେଜଣ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ଯୋଗୁ ଘରକୁ ନ ଯାଇ ଆଇସୋଲେଶନରେ ଅଛନ୍ତି। ଅନ୍ୟପକ୍ଷେ ପିଜିର ୪ ଛାତ୍ରଙ୍କ କୋଭିଡ୍ ପଜିଟିଭ୍ ରିପୋର୍ଟ ଆସିଥିଲା। ସୁରକ୍ଷା ପାଇଁ ସେମାନଙ୍କୁ କ୍ୟାମ୍ପସ୍ ଭିତରେ ଥିବା ଏର୍‌ଆର୍‌ଟି ହଷ୍ଟେଲ ଆଇସୋଲେଶନରେ ଚିକିତ୍ସା କରାଯାଉଛି।ସେମାନଙ୍କୁ ଖାଇବାପିଇବା ଯୋଗାଇଦେବା ସହ ସ୍ୱାସ୍ଥ୍ୟ ସମ୍ପର୍କରେ ରିପୋର୍ଟ ସଂଗ୍ରହ କରାଯାଉଛି। କ୍ୟାମ୍ପସ୍ ଭିତରେ ଥିବା ଫାର୍ମାସିଷ୍ଟ ଡି.କେ. ରଥ ପ୍ରତିଦିନ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଫୋନ ଯୋଗେ ପ୍ରଶାସନ ପକ୍ଷରୁ ଏସବୁ କାର୍ଯ୍ୟ ମନିଟରିଂ କରାଯାଉଛି। ୪ ଜଣ ଛାତ୍ର ଏବେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ସେମାନେ ସମ୍ପୂର୍ଣ୍ଣ ଭଲ ହେବା ପରେ ଘରକୁ ଯିବେ ବୋଲି ସେ କହିଛନ୍ତି।

## ୧୫ ଦିନ କାର୍ଯ୍ୟ ବନ୍ଦ କଲା ଜିଲା ଓକିଲ ସଂଘ

**ସମ୍ବଲପୁର, ୧୯।୪ (ବ୍ୟୁରୋ)**



ପ୍ରମୋଦ ରଥ

ସମ୍ବଲପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳ, ମହାନଗର ନିଗମ, ଏନ୍‌ଏସିରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଓକିଲ ସଂଘ ୧୫ ଦିନ କାର୍ଯ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି। ଏପ୍ରିଲ ୨୦ରୁ ମେ ୫ ତାରିଖ ପର୍ଯ୍ୟନ୍ତ ଏହି ସମୟ ଅବଧି ରହିଛି। ସଂଘ ସଭାପତି ପ୍ରମୋଦ ରଥ କହିଛନ୍ତି, କୋଭିଡ୍ ସଂକ୍ରମଣ ଜିଲାରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ମୁକାବିଲା ପାଇଁ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ପ୍ରତିଦିନ ବିଭିନ୍ନ ମାମଲା ଓ କାମ ନେଇ ବହୁସଂଖ୍ୟାରେ ଲୋକ କୋର୍ଟକୁ ଆସୁଛନ୍ତି। ଏଥିରେ ସଂକ୍ରମଣ ବୃଦ୍ଧି ହେବା ଆଶଙ୍କା ରହିଛି। ତେଣୁ କାର୍ଯ୍ୟ ବନ୍ଦ ପାଇଁ ସଂଘ ପକ୍ଷରୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲା ଜଜ୍‌ଙ୍କୁ ମଧ୍ୟ ଏ ନେଇ ଅବଗତ କରାଯାଇ ଅନୁରୋଧ କରାଯାଇଛି। ଅତି ଜରୁରୀ ମାମଲା ପାଇଁ କେବଳ ଓକିଲମାନେ ଆସିପାରିବେ। ଶୁଣାଣି ସମୟରେ ମୁଦାଲା ଓ ସାକ୍ଷୀଙ୍କୁ ଉକ୍ତ ଦିନର ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ଦାଖଲ କରିବାକୁ ପଡିବ। ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ କେବଳ ଅଫିସ କାଉଣ୍ଟର୍ ଖୋଲାଯିବ। ଏହାସହ କୋର୍ଟ ପାର୍ଶ୍ୱରେ ଥିବା ଦୋକାନ ବଜାର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ଦୂରତା, ମାସ୍କ, ସାନିଟାଇଜର ବ୍ୟବହାର କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି ବୋଲି ସେ କହିଥିଲେ।

## ଜିଲାରେ ରେକର୍ଡ ସଂଖ୍ୟାରେ ପଜିଟିଭ୍



ଅଇଁଠାପାଲିରେ ଖୋଲାଯାଇଥିବା ପଞ୍ଜୀକରଣ କେନ୍ଦ୍ର ।

ସମ୍ବଲପୁର, ୧୯।୪ (ବ୍ୟୁରୋ)– ସମ୍ବଲପୁର ଜିଲାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୨୪୧ କୋଭିଡ୍ ସଂକ୍ରମଣ ଚିହ୍ନଟ ହୋଇଛନ୍ତି। କୋଭିଡ୍ ପ୍ରଥମ ଓ ଦ୍ୱିତୀୟ ଲହରରେ ଏହା ରେକର୍ଡ ସଂଖ୍ୟା ହୋଇଛି। ପୂର୍ବରୁ ଏହି ସଂଖ୍ୟା ୧୯୯ ଛୁଇଁଥିଲା। ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଉଛି। ଅନ୍ୟପଟେ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଅଇଁଠାପାଲି ଆଦିବାସୀ ସେବାଶ୍ରମ ସ୍କୁଲ ପରିସରରେ ଥିବା କ୍ଲଷ୍ଟର କେୟାର ସେଣ୍ଟର (ସିସିସି)ରେ ପଞ୍ଜୀକରଣ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ପ୍ରବାସୀ ଶ୍ରମିକମାନେ ଆସି ନିଜର ନାମ, ଠିକଣା, କେଉଁଠାରେ କାମ କରୁଥିଲେ ଆଦି ତଥ୍ୟ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏହାପରେ ସେମାନଙ୍କର ସ୍କ୍ରିନିଂ ଟେଷ୍ଟ କରାଯିବ। ଯାହାର ଲକ୍ଷଣ ଦେଖାଦେବ ସେମାନଙ୍କର କୋଭିଡ୍ ଟେଷ୍ଟ କରାଯିବ। ପଜିଟିଭ୍ ଆସିଲେ ଚିକିତ୍ସା କରାଯିବ।

# ବଜାର ଖୋଲା, ରାସ୍ତାରେ ଗହଳି




ଲକ୍ଷ୍ମୀଟକିଜ ଛକରେ କର୍ଫ୍ୟୁ ସମୟରେ ଲୋକମାନେ ଯିବାଆସିବା କରୁଛନ୍ତି ।

**ସମ୍ବଲପୁର,୧୯।୪(ବ୍ୟୁରୋ)**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ସହ ନାଇଟ୍ କର୍ଫ୍ୟୁ ଜାରି କରିଛନ୍ତି। ସୋମବାର ସକାଳ ୫ଟାରେ ଶଟ୍‌ଡାଉନ ଅବଧି ପୂରିଯିବା ପରେ ସମ୍ବଲପୁର ସହରର ଲୋକମାନେ ବାହାରକୁ ଚାଲି ଆସିଥିଲେ। ଦୋକାନ

**କଟକଣାକୁ ଫୁ**

ବଜାରରେ ଭିଡ ଲାଗିରହିଥିବାବେଳେ ରାସ୍ତା ଜନଗହଳି ହୋଇଯାଇଥିଲା। ଫଳରେ ଅନେକ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ଅନେକଙ୍କ ମୁହଁରେ ମାସ୍କ ନ ଥିବା ଦେଖାଯାଇଥିଲା। ଦୋକାନ ବଜାରରେ ସମାଜିକ ଦୂରତା ମଧ୍ୟ ପାଳନ କରାଯାଉ ନ ଥିଲା। ଦୁଇଦିନ ସାମାଜିକ ଦୂରତା ଓ ଭିଡ କମାଇ କରୋନା ଚେନ୍ ଭାଙ୍ଗିବାକୁ କରାଯାଇଥିବା ଯୋଜନା ସକାଳ ପରିସ୍ଥିତି ଦେଖିଲେ ଫେଲ୍ ମାରିଥିବା ସ୍ପଷ୍ଟ ହୋଇଥିଲା। ସେହିପରି ସନ୍ଧ୍ୟା ୬ଟା ପରେ ନାଉଟ୍ କର୍ଫ୍ୟୁ ଲାଗୁ କରାଯାଇଥିଲା। ସନ୍ଧ୍ୟା ପରେ ମଧ୍ୟ ଲୋକେ ବୁଲାବୁଲି କରିବା ସହ ଦୋକାନ ଖୋଲାଯାଇଥିବା ଦେଖିବାକୁ ମିଳିଥିଲା।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଉପସଭାପତିଙ୍କ ପରଲୋକ

**ସମ୍ବଲପୁର, ୧୯।୪ (ବ୍ୟୁରୋ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଉପସଭାପତି କିଶୋର ପରିଚ୍ଛାଙ୍କ ବିୟୋଗରେ ସୋମବାର ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ ଓ ଅନ୍ୟତମ ଉପସଭାପତି ଗୋକୁଳ ମେହେର ଶୋକ ପ୍ରକାଶ କରିଛନ୍ତି। ପାଟଣାଗଡ ଡିଭିଜନ ସମେତ ସାମଗ୍ରୀକ ଭାବେ ବଲାଙ୍ଗୀର ଜିଲାରେ କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀଙ୍କ ସମସ୍ୟା ନେଇ ସେ ସ୍ୱର ଉତ୍ତୋଳନ କରୁଥିଲେ। ତାଙ୍କ ବିୟୋଗରେ କେନ୍ଦୁପତ୍ର ସଂଘ ଜଣେ ମୁରବିକୁ ହରାଇଛି ବୋଲି ନେତୃବୃନ୍ଦ କହିଛନ୍ତି।

## ଏମ୍‌ସିଏଲ୍‌ରେ କୋଭିଡ୍ ଟିକାକରଣ ଶିବିର

**ସମ୍ବଲପୁର, ୧୯।୪ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଆନନ୍ଦବିହାର ଡାକ୍ତରଖାନା ପରିସରରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏହି ଶିବିର କରାଯାଇଥିଲା। ଏଥିରେ ୪୫ ବର୍ଷରୁ ଉର୍ଦ୍ଧ୍ୱ କମ୍ପାନୀର କର୍ମଚାରୀ, ନିଯୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ଟିକା ଦିଆଯାଇଥିଲା।

## କରୋନା ବିରୋଧରେ ଲଢେଇ ପାଇଁ ମହିଳାଙ୍କ ସଂକଳ୍ପ

**ପଡିଆବାହାଲ, ୧୯।୪ (ଡି.ଏନ.ଏ)**

ଝୁମୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତ ହୀରୋ ଗ୍ରାମର ମହିଳାମାନେ କରୋନା ବିରୋଧରେ ଲଢେଇ ପାଇଁ ସଂକଳ୍ପ ନେଇଛନ୍ତି। ଟିକି ପ୍ରଧାନଙ୍କ ଆବାହକତ୍ୱରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏଥିରେ ସାମିଲ ହୋଇଥିଲେ। ଟିକି ପ୍ରଧାନ ସୂଚନା ଦେବା ପରେ ସିଆରପି ସୁଜାତା ପଶାୟତ, ଆଶା ସନ୍ତୋଷିନୀ ପ୍ରଧାନ, ଅଙ୍ଗନୱାଡି ଦିଦି ବାସନ୍ତି ପୋଢ଼ ନେଉଥିବା ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇ କରୋନା ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୟୋବୃଦ୍ଧ ନୀଳାଦ୍ରି ସେଠ ୪୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକ କରୋନା ଟିକା ନେବାକୁ ପରାମର୍ଶ ଦେଇଥିଲେ। ଆୟୁଷ ଡା. ରାଜାରାମ ଷଡଙ୍ଗୀ ଆଲୋଚକ ଭାବେ ଯୋଗଦେଇ ସାମାଜିକ ଦୂରତା, ଘରୁ ବାହାରିଲେ ମାସ୍କ ପରିଧାନ, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଲକ୍ଷଣ ଦେଖାଦେଲେ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ।

## ଅଗ୍ନିଶମ ବିଭାଗର କୌଶଳ ପ୍ରଦର୍ଶନ

**ଦେଓଗାଁ, ୧୯।୪(ଡି.ଏନ.ଏ.):**

ବଲାଙ୍ଗୀର ଜିଲା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି । ବିଭାଗୀୟ କର୍ମଚାରୀମାନେ ଜନସଚେତନ ପାଇଁ ନିଆଁଲିଭା ଗାଡିରେ ଗାଁ ପରିକ୍ରମା କରି ଲିଫଲେଟ ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଗ୍ୟାସ୍ ଓ ଶର୍ଟସର୍କିଟ ଯୋଗୁ ଲାଗିଥିବା ନିଆଁକୁ କିଭଳି ଆୟତ୍ତ କରାଯାଇପାରିବ ଓ କ'ଣ କଲେ ନିଆଁ ଲାଗିପାରିବ ନାହିଁ ତାହା ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଉଦ୍ଧାର କାର୍ଯ୍ୟର ନମୁନା ପ୍ରଦର୍ଶନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଅଗ୍ନିଶମ ସପ୍ତାହକୁ ନିରାଡମ୍ବର ଭାବେ ପାଳନ କରାଯାଇଥିବା ଅଗ୍ନିଶମ ଅଧିକାରୀ ଏଲୋଇସ ବାର୍ଲା ସୂଚନା ଦେଇଛନ୍ତି ।

## ପୁତୁରା ଟାଙ୍ଗିଆ ଚୋଟରେ ମାଉସୀ ମୃତ

**ପଡିଆବାହାଲ,୧୯।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ପଡିଆବାହାଲ ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ କୁଲୁଣ୍ଡି ଗ୍ରାମରେ ସୋମବାର କେନ୍ଦୁପତ୍ର ତୋଳାକୁ ନେଇ ପୁତୁରା ଟାଙ୍ଗିଆ ଚୋଟରେ ମାଉସୀଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କଂସଲ ଭୁଏ । ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ଜଣ ଫାଣ୍ଡିରେ ଆତ୍ମସମର୍ପଣ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରି ଅନୁସନ୍ଧାନ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚିତ୍ରା ଭୁଏ, ପୁଅ ଦେବବ୍ରତ ଭୁଏ ଓ ସୁଦାମ ଭୁଏ।

କୁଲୁଣ୍ଡି ବିଶ୍ୱସେବା ହାଇସ୍କୁଲ ନିକଟ ଢୁଙ୍ଗୁରିପଡାରେ କଂସଲ ଭୁଏ ଓ ତାଙ୍କ ବଡଭଉଣୀ ଚିତ୍ରା ଭୁଏଙ୍କ ପରିବାର ରୁହନ୍ତି। ସୋମବାର ପୂର୍ବାହ୍ନରେ ବିପିନଙ୍କ ସ୍ତ୍ରୀ କଂସଲ ଓ ତାଙ୍କ ଝିଅ ନନ୍ଦିନୀ ନିଜ ଜମିରୁ ମହୁଲ ଗୋଟାଇବା ପାଇଁ ଯାଇଥିଲେ। ଏହି ସମୟରେ କଂସଲଙ୍କ ବଡଭଉଣୀ ଚିତ୍ରା ସେଠାକୁ ଯାଇ ସେମାନଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ କଂସଲ ବଡଭଉଣୀ ଚିତ୍ରାଙ୍କୁ ମାଡ଼ ମାରିଥିଲେ। ଚିତ୍ରା ଘରକୁ ଯାଇ ପୁଅ ଦେବବ୍ରତ ଓ ସୁଦାମଙ୍କୁ ଏ ସମ୍ପର୍କରେ କହିଥିଲେ। ପରେ ମା' ଓ ଦୁଇପୁଅ ଘଟଣାସ୍ଥଳକୁ ଆସି ପାଟିତୁଣ୍ଡ କରିଥିଲେ ଏବଂ କଂସଲ ଠେଙ୍ଗାରେ ପିଟିବାରୁ ଦେବବ୍ରତଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେ ରାଗିଯାଇ ସାଙ୍ଗରେ ନେଇଥିବା ଟାଙ୍ଗିଆରେ କଂସଲଙ୍କ ବେକକୁ ଚୋଟ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ମା' ଓ ଦୁଇପୁଅ ସେଠାରୁ ଚାଲିଆସି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ।

## ଚାରଭାଟିରୁ ମୃତଦେହ ଜବତ

**ସମ୍ବଲପୁର,୧୯।୪(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ଚାରଭାଟିରେ ଜଣେ ଅପରିଚିତ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଧନୁପାଲି ପୋଲିସ ମୃତଦେହ ଜବତ କରିଥିଲା। ପୋଲିସ କହିବା ଅନୁସାରେ ବୃଦ୍ଧଙ୍କ ବୟସ ପ୍ରାୟ ୬୦ ହେବ। ସେ ଏହି ଅଞ୍ଚଳରେ ବୁଲି ଭିକ ମାଗୁଥିଲେ।

# ଏସ୍‌ପିଙ୍କ ପାଉଁଶ ପୋଖରୀ ପରିଦର୍ଶନ

**ଓପିଜିସି ପାଉଁଶ ପୋଖରୀରୁ ସେନୋସ୍ପେୟର ସଂଗ୍ରହକୁ ନେଇ ବିବାଦ**



ଓପିଜିସି ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ଏସ୍‌ପି।

**ଝାରସୁଗୁଡ଼ା ଅଫିସ,୧୯।୪**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପର ତିଲିଆ ପାଉଁଶ ପୋଖରୀରୁ ସେନୋସ୍ପେୟର ସଂଗ୍ରହକୁ ନେଇ ଠିକାସଂସ୍ଥା ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଉଭୟ ପକ୍ଷ ମୁହାଁମୁହିଁ ହେବା ଫଳରେ ପୋଲିସ ରବିବାର ନୂଆପଡା ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପ୍ ମହିଳାମାନଙ୍କୁ ଉଠାଇ ଆଣି ୩୩ଜଣଙ୍କ ନାମରେ ମାମଲା ରୁଜୁକରି ବ୍ୟକ୍ତିଗତ ମୁଚାଲିକାରେ ଛାଡିଦେଇଛି। ଏଭଳି ସ୍ଥିତିରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ ସୋମବାର ପାଉଁଶ ପୋଖରୀ ଅଞ୍ଚଳ ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାରେ ଏସ୍‌ପି ଦାସ, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବନ୍ଧବହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ,କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ଲକ୍ଷ୍ମୀଧର ପାତ୍ର ପ୍ରମୁଖ ସାମିଲ ଥିଲେ। ଓପିଜିସି ତରଫରୁ ପାଉଁଶ ପୋଖରୀ ଇନ୍‌ଚାର୍ଜ ଅଖିଳେଶ ଶତପଥୀ,ଏନ୍.ଏନ୍. ଷଡଙ୍ଗୀ, ହିମାଂଶୁ ବେହେରା, ଦେବାର୍ଚ୍ଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି ଦାସ କହିଥିଲେ, ପାଉଁଶ ପୋଖରୀ ଭିତରକୁ ବେଆଇନ୍ ଭାବେ ପ୍ରବେଶକରି ସେନୋସ୍ପେୟର ସଂଗ୍ରହ କରିବା ବିପଦ। ଏ ଦିଗରେ ପଦକ୍ଷେପ ନିଆଯିବ। ଏହା ସହିତ ପ୍ରଭାବିତ ଲୋକେ କିଭଳି ଉପକୃତ ହୋଇପାରିବେ ସେ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ। ସୂଚନାଥାଉ କି କମ୍ପାନୀ ତରଫରୁ ତିଲିଆ ପାଉଁଶ ପୋଖରୀରୁ ସେନୋସ୍ପେୟର ସଂଗ୍ରହ ପାଇଁ ବୈଷ୍ଣବୀ ଟ୍ରେଡର୍ସ ନାମକ ଠିକାସଂସ୍ଥାକୁ ଅନୁମତି ଦିଆଯାଇଛି । ଗ୍ରାମବାସୀଙ୍କ ଦାବି ସେନୋସ୍ପେୟର ସଂଗ୍ରହ ପାଇଁ କମ୍ପାନୀ ଠିକାସଂସ୍ଥାକୁ ନ ଦେଇ ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକଙ୍କୁ ଦେଉ । ଏ ନେଇ ସ୍ଥାନୀୟ ବାସିନ୍ଦା କମ୍ପାନୀ କର୍ତ୍ତୃପକ୍ଷ, ଜିଲାପାଳ, ଏମ୍‌ପି, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଉଡନ୍ତା ପାଉଁଶରେ ଜନଜୀବନ ଅସ୍ତବ୍ୟସ୍ତ

**ଝାରସୁଗୁଡ଼ା ଅଫିସ,୧୯।୪:** ଝାରସୁଗୁଡ଼ା ଜିଲାରେ ରବିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ପ୍ରବଳ ପବନ ହୋଇଥିଲା। ଫଳରେ ଓପିଜିସିର ତିଲିଆ ପାଉଁଶ ପୋଖରୀରୁ ପାଉଁଶ ୫କିଲୋମିଟର ପର୍ଯ୍ୟ ଉଡିଥିଲା। ଏଥିରେ ପାର୍ଶ୍ୱବର୍ତ୍ତୀ ତିଲିଆ, ନୂଆପଡା, ଭଗବାନପାଲି, ଗଡଗଡବାହାଲ, ତେନ୍ତେଲକୁଦୁଲି ଆଦି ଗ୍ରାମ ପ୍ରଭାବିତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ପାଉଁଶ ଜନବସତି ଅଞ୍ଚଳ ଓ ବିଭିନ୍ନ ଫସଲ ଉପରେ ପଡିଥିଲା । ଏ ନେଇ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି, ଆଗାମୀ ଦିନରେ ଯେମିତି ପବନରେ ପାଉଁଶ ନ ଉଡିବ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପାଉଁଶ ପୋଖରୀ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ବହୁଶୀଘ୍ର ଏହାର ସମାଧାନ କରାଯିବ। ସୂଚନ ଯୋଗ୍ୟ ଓପିଜିସିର ତିଲିଆ ୧ନଂ. ପାଉଁଶ ପୋଖରୀର କିଛି ଅଂଶ ପାଉଁଶରେ ଭର୍ତ୍ତି ହୋଇଗଲାଣି । ଏହା ଶୁଷ୍କ ହୋଇ ରହିଥିବାରୁ ସାମାନ୍ୟ ପବନ ହେଲେ ଉଡିବାରେ ଲାଗିଛି । ଏଥିରେ ଜନଜୀବନ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି।